# କନକଦୁର୍ଗା ପୀଠର ଭିନ୍ନ ପରମ୍ପରା

ନୟାଗଡ଼,୧୪।୧୦(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହର ପୁରୁଣା ରାଜବାଟୀ ସମ୍ମୁଖରେ ରହିଛି ମା'କନକ ଦୁର୍ଗାଙ୍କ ପୀଠ। ରାଜରାଜୁଡା ଶାସନ ହଟିବା ପରେ ଠାକୁରାଣୀଙ୍କ ରୀତିନୀତି, ଭୋଗ ନୟାଗଡ଼ ଦେବୋତ୍ତର ବିଭାଗ ବୁଝୁଛି । ମା'କନକଦୁର୍ଗା ଦଶହରା ପର୍ବ ଅବସରରେ ପଶ୍ଚିମାମୁଖୀ ବଦଳରେ ଦକ୍ଷିଣମୁଖୀ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ମାଛରେ ବେଲପତ୍ର ଲାଗି ହେଲେ ଏଠାରେ ଭୋଗ ହୁଏ । ଦ୍ୱିତୀୟା ଓଷାରୁ ଦଶହରା ପର୍ଯ୍ୟନ୍ତ ଠାକୁରାଣୀଙ୍କ ରୀତିନୀତି ବଦଳିଯାଏ । ଏଭଳି ପରମ୍ପରା କେବଳ ବର୍ଷକୁ ୧୬ଦିନ ମା'କନକ ଦୁର୍ଗାଙ୍କ ପୀଠରେ ଦେଖିବାକୁ ମିଳେ। ଦଶହରା ସମୟରେ ମା'ଙ୍କୁ ଦର୍ଶନ କରି ଭକ୍ତ ନିଜର ମନସ୍କାମନା ପୂରଣ କରିଥାନ୍ତି।

ଦଶହରା ପର୍ବ ଅବସରରେ ଦ୍ୱିତୀୟା ଓଷାରେ ମା'କନକ ଦୁର୍ଗା ୧୦୮ କୁମ୍ଭ ଜଳରେ ମଧାହ୍ନରେ ମହାସ୍ନାନ କରନ୍ତି। ପରେ ଅବକାଶ ଓ ବଲ୍ଲଭ ଭୋଗ ହୋଇ ଦିପ୍ରହର ଧୂପ କରାଯାଇ ମା'ଙ୍କ ପହୁଡ଼ ପଡେ । ସନ୍ଧ୍ୟାରେ ମା'ବେଶ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ରାତି ୧୦ଟାରେ ମା'ଭ୍ରମଣରେ ବାହାରନ୍ତି। ଭ୍ରମଣ ସମୟରେ ଅସୁରମାନଙ୍କୁ ନିପାତ କରନ୍ତି। ସମୟ ବଦଳି ଯାଉଥିବାରୁ ଭ୍ରମଣରେ ଆସିଛି ପରିବର୍ତ୍ତନ । ଭ୍ରମଣ ସମୟରେ ମା'ଭକ୍ତଙ୍କ ଅସୁରୀୟ ପ୍ରକୃତି ନଷ୍ଟ କରିଥାନ୍ତି । ନୟାଗଡ଼ ଗୁଣ୍ଡିଚା ମଣ୍ଡପ ନିକଟସ୍ଥ ଜଜଙ୍କ କ୍ୱାର୍ଟର୍ସ ସମ୍ମୁଖ ଯାତ୍ରା ପଡ଼ିଆରେ ମା'ପରିଭ୍ରମଣ କରି ଫେରନ୍ତି। ମନ୍ଦିରକୁ ଫେରି ଜଗତି ଉପରେ ବସନ୍ତି।



- ମାଛ ଭୋଗରେ ଲାଗି ହୁଏ ବେଲପତ୍ର
- ପଶ୍ଚିମାମୁଖୀରୁ ଦକ୍ଷିଣାମୁଖୀ ହୋଇ ଦିଅନ୍ତି ଦର୍ଶନ
- ଦ୍ୱିତୀୟା ଓଷାରୁ ଦଶହରା ପର୍ଯ୍ୟନ୍ତ ବଦଳିଯାଏ ରୀତିନୀତି

ଜଗତିରେ ମା'ଙ୍କର ଟେରା ଭୋଗ ପରେ ଆଳିତି ହୁଏ। ମା'ଆସ୍ଥାନକୁ ବିଜେ କରନ୍ତି। ରାତିରେ ଧୂପ, ବଡସିଂହାର, ଚାର ସେବା ହୋଇ ପହଡ ପଡ଼େ । ୧୬ ଦିନ ଯାତ୍ରା ଏହି ପରି ଚାଲିଥାଏ । ମା'ବର୍ଷର ୩୪୯ ଦିନ ଖେଚୁଡି, ଡାଲମା, କାକରା, ମାଲପୁଆ, ବଡସିଂହାରରେ ଖୁରୁମା, ଖେଚୁଡ଼ି ଭୋଗ ପାଆନ୍ତି। ତେବେ ଦେବୀ ଦଶହରାର କେବଳ ୧୬ ଦିନ ପଶ୍ଚିମାମୁଖୀ ହୋଇ ଥାଆନ୍ତି। ୧୬ ଦିନ ଦକ୍ଷିଣମୁଖୀ ହୋଇ ବସନ୍ତି । ଦଶହରା ପର୍ବରେ ମାଛ ଭୋଗ ଯୋଡି ହୁଏ । ମାଛରେ ବେଲପତ୍ର ଲାଗି ହେଲେ ଭୋଗ ହୋଇଥାଏ । ପୂଜକ ଚିତ୍ତ ରଞ୍ଜନ ଦାଶ ଓ ସୂର୍ଯ୍ୟପ୍ରସାଦ ଦାଶ ପୂଜାନୀତି ସମ୍ପନ୍ନ କରିଥାନ୍ତି। ପୂଜକ ଦାଶ କୁହନ୍ତି, ପ୍ରତ୍ୟକ୍ଷ ଠାକୁରାଣୀ ମା'କନକ ଦୁର୍ଗା। ମା'ଙ୍କ ରୀତିନୀତି ନିଆରା। ଦଶହରା ପର୍ବରେ ପରବ ଘରେ ୧୬ଦିନ ବିରାଜିତ ହୁଅନ୍ତି ମା । ମା'ଙ୍କ ଭୋଗ ନିଆରା ହୋଇଥିବାବେଳେ ଭ୍ରମଣର କାହାଣୀ ଭିନ୍ନ । ରାଜାଙ୍କ ଶାସନ ପରେ ପର୍ବର ମହକ କମି ଯାଇଥିଲେ ହେଁ ରୀତିନୀତି ବଦଳି ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

# ମହାଳୟା: ପିତୃପକ୍ଷ ଶ୍ରାଦ୍ଧ ସରିଲା



ପିଣ୍ଡଦାନ କରାଯାଉଛି।

ଖଣ୍ଡପଡ଼ା,୧୪।୧୦(ଅଜୟ କୁମାର ମହାରଣା)

ଭାଦ୍ରବ ମାସ ଶୁକ୍ଳପକ୍ଷ ପୂର୍ଣ୍ଣମାଠାରୁ ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟ' ପାଳିତ ହେଉଥିବା ପିତୃପକ୍ଷ ଶ୍ରାଦ୍ଧର ଅନ୍ତିମ ଦିବସକୁ ମହାଳୟା କୁହାଯାଏ। ଅପରପକ୍ଷ(ପିତୃପକ୍ଷ)ଠାରୁ ପିତୃଋଣ ଶୁଝିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନର କାର୍ଯ୍ୟକ୍ରମ ଶନିବାର ଥିଲା ଅନ୍ତିମ ଦିବସ। ଏହି ଉପଲକ୍ଷେ ଶନିବାର ଖଣ୍ଡପଡା, ଖଳିସାହି, ସିଧାମୂଳା, ବେଣାଗାଡିଆ, ଜଗନ୍ନାଥ ପ୍ରସାଦ, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ପିତୃପକ୍ଷ ଶ୍ରାଦ୍ଧ ପାଳିତ ହୋଇ ଯାଇଛି। ପିଣ୍ଡଦାନ ଦ୍ୱାରା ପିତୃପକ୍ଷଙ୍କ ଅତୃପ୍ତ ଆତ୍ମା ତୃପ୍ତି ହେବା ସହିତ ପରିବାରର ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ସ୍ଥାନୀୟ ଲୋକେ ପୂର୍ବାହ୍ନରୁ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କରିଛନ୍ତି। ମାତା ପିତାଙ୍କ ଋଣ ଶୁଝିବା ପୁତ୍ର ପକ୍ଷେ ଆଦୌ ସମ୍ଭବ ନୁହେଁ। ତେଣୁ ଏହି ପରମ୍ପରା କ୍ରମେ ପିତୃଋଣରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

# ନୀଳମାଧବ ମନ୍ଦିରରେ ନବରାତ୍ର ପୂଜା,ଚଣ୍ଡୀପାଠ ଆରମ୍ଭ

ଖଣ୍ଡପଡ଼ା,୧୪।୧୦(ଅଜୟ କୁମାର ମହାରଣା)

ଶନିବାରଠାରୁ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ପୂଜକ ସମାଜ ପକ୍ଷରୁ ନବରାତ୍ର ପୂଜା ପାରମ୍ପରିକ ରୀତିରେ ହୋମଯଜ୍ଞ ସହ ଆରମ୍ଭ ହୋଇଛି। ଏହି ଅବସରରେ ମା' ବିମଳାଙ୍କୁ ଧବଳେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ନିକଟରେ ଆଜି ଠାରୁ ୯ଦିନ ବ୍ୟାପୀ ଚଣ୍ଡୀପାଠ ସହ ଅପରାହ୍ନରେ ହୋମକାର୍ଯ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମା' ବିମଳାଙ୍କ ଶାରଦୀୟ ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଥିବା ବେଳେ ଶନିବାର ଅମାବାସ୍ୟା ତିଥିରେ ମା' ବିମଳାଙ୍କ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ପୁରୋହିତ ସୁକାନ୍ତ ମିଶ୍ର, ସହଯୋଗୀ ପୁରୋହିତ ନିରଞ୍ଜନ ମିଶ୍ର, ମୁଖ୍ୟକର୍ତ୍ତା ବ୍ରଜରାଜ ମିଶ୍ର, ସାଥି କର୍ତ୍ତା ସମୀର ମିଶ୍ର ପ୍ରମୁଖଙ୍କ ଦ୍ୱାରା ଚଣ୍ଡୀପାଠ ଓ ହୋମଯଜ୍ଞ ଆରମ୍ଭ ହୋଇଥିଲା। ମା'ବିମଳାଙ୍କ ଧବଳେଶ୍ୱରୀ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ପାର୍ବଣ ଉତ୍ସବରେ ନୀଳମାଧବ ମନ୍ଦିର ପାଇଁ ଦେବୋତ୍ତର ମ୍ୟାନେଜର ହରିହର ଦାଶ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ। ଏହି ନବାଦିନାତ୍ମକ ବ୍ରତରେ ମନୋଜ କୁମାର ମିଶ୍ର, ଶ୍ରବଣରାମ ମିଶ୍ର, ଦୟାନିଧି ମିଶ୍ର, ନୀଳମାଧବ ମିଶ୍ର, ଶଶୀ ମିଶ୍ର, ଦୀପକ ମିଶ୍ର, ଶିବ ପ୍ରସାଦ ମିଶ୍ର, ଦିଲ୍ଲୀପ ମିଶ୍ର ରାଜା ପାଢୀ, ରାମଚନ୍ଦ୍ର ମିଶ୍ର ପ୍ରମୁଖ ବ୍ରତଧାରୀ ମାନେ ଉପବାସରେ ରହି ସହଯୋଗ କରିଥିଲେ। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ପୂଜକ ସମାଜ ପକ୍ଷରୁ ସୂଚନା ମିଳିଛି।

# ସଂସ୍କୃତ ଭାଷାର ପ୍ରଚାର, ପ୍ରସାର ସମ୍ପର୍କିତ ଆଲୋଚନା ଚକ୍ର

ଖଣ୍ଡପଡ଼ା,୧୪।୧୦(ଅଜୟ କୁମାର ମହାରଣା)



ସଂସ୍କୃତ ଭାଷା ଶିକ୍ଷା ଆଲୋଚନା ଚକ୍ରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ସଂସ୍କୃତ ହେଉଛି ଆମର ଦେବ ଭାଷା। ସଂସ୍କୃତରୁ ସଂସ୍କୃତିର ଉତ୍ପତ୍ତି। ଏ ଅବସରରେ ସଂସ୍କୃତ ଭାଷା ଶିକ୍ଷାର ପ୍ରଚାର ଓ ପ୍ରସାର ସଂପର୍କୀତ ଏକ ଦିବସୀୟ ଆଲୋଚନାଚକ୍ର ଖଣ୍ଡପଡା ବ୍ଲକ ଅଧୀନ ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ସଂସ୍କୃତ ବିଭାଗ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ବିଭାଗୀୟ ମୁଖ୍ୟ ଜୟଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଜୟ ପ୍ରକାଶ ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୋଡିପଡା ଶ୍ରୀଲଡୁକେଶ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସନ୍ତୋଷ କୁମାର ସାହୁ ମୁଖ୍ୟବକ୍ତା ରୁପେ ଯୋଗଦେଇ ସରଳ ସଂସ୍କୃତର ବ୍ୟାବହାରିକ କୌଶଳ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସରଳା ବେହେରା, ସସ୍ମିତା ପାଣିଗ୍ରାହୀ ପ୍ରମୁଖ ସଂସ୍କୃତ ଭାଷା ଶିକ୍ଷା ଉପରେ ଆଲୋକପାତ କରିଥିଲେ।

# ସତ୍ୟରଞ୍ଜନ ରଣପୁର ନଗର କଂଗ୍ରେସ ନୂତନ ସଭାପତି

ରଣପୁର,୧୪।୧୦(ସୁକାନ୍ତ କିଶୋର ଡାକୁଆ)



ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ରଣପୁର ନଗର କଂଗ୍ରେସ କମିଟି ସଭାପତି ଭାବେ ରଣପୁର ବାର୍ ଆସୋସିଏଶନ ସମ୍ପାଦକ ଆଇନଜୀବୀ ସତ୍ୟରଞ୍ଜନ ମଓାଙ୍କୁ ମନୋନୀତ କରିଛନ୍ତି। ସତ୍ୟରଞ୍ଜନ ମଓା ଦୀର୍ଘବର୍ଷ ଧରି ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ଓ କାଉନସିଲର ଭାବେ କଂଗ୍ରେସରେ କାମ କରି ଆସୁଛନ୍ତି। ଆଗାମୀ ଦିନରେ ରଣପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ କରି ବିଜେଡି, ଭାଜପା ବିରୋଧରେ ରଣନୀତି ଆପଣା ଯିବ ବୋଲି ସେ କହିଛନ୍ତି। ଏହି ନୂତନ ନିଯୁକ୍ତିକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସମ୍ପାଦକ ସତ୍ୟବ୍ରତ ନାୟକ, ବ୍ଲକ ସଭାପତି ଶତ୍ରୁଘ୍ନ ପାଇକରାୟ, ଧ୍ରୁବଚରଣ ପରିଡ଼ା, ମୀର୍ ଆବୁବାକର ସିଧିକ, ପ୍ରକାଶ ଚନ୍ଦ୍ର ନାୟକ, ବାଳକୃଷ୍ଣ ଷଡ଼ଙ୍ଗୀ, ବିଭୂତି କୁମାର ଜେନା, ସୁରେନ୍ଦ୍ର କଳସ, ଉମେଶ ସାହୁ, ସୁଦର୍ଶନ ପ୍ରଧାନ, ନବ ସାଠୁଆ, ପ୍ରତିମା ଜେନା, ଜିତେନ୍ଦ୍ର ପ୍ରଧାନ, ଦିଲୀପ ବେହେରା, ସୁରେଶ ମହାରଣା, ବାଦଲ ପ୍ରଧାନ, ଭିକାରୀ ପାତାଳ ସିଂହ ପ୍ରମୁଖ ସ୍ୱାଗତ କରିଛନ୍ତି।

# ଜନ୍ତୁ ଶିକାର ପାଇଁ ବିଛାଇଥିବା ବିଦ୍ୟୁତ୍ ତାରରେ ପଡି ବନ ଜଗୁଆଳି ମୃତ

ଗଣିଆ,୧୪।୧୦(ସନ୍ତୋଷ କୁମାର ପ୍ରଧାନ)

ବନ୍ୟଜନ୍ତୁ ଶୀକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଫାଶରେ ପଡି ଜଣେ ବନ ଜଗୁଆଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଛାମୁଣ୍ଡିଆ ଗ୍ରାମର ରଞ୍ଜନ କୁମାର ସେଠୀ (୩୨)। ମୃତ ରଞ୍ଜନ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ବଡମୂଳ ବିଟ୍ ଅଞ୍ଚଳରେ ବନ ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ଗତ ଶୁକ୍ରବାର ଛୁଟି ନେଇ ଘରକୁ ଆସିଥିବା ବେଳେ ରାତିରେ ବଡମୂଳ ମଙ୍ଗାନାସୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ନିକଟ କଣତଇଲା ଜଙ୍ଗଲରେ ବାରହା ଶୀକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଫାଶରେ ପଡି ତାଙ୍କର ମୃତ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ରଞ୍ଜନ ବାଇକ୍‌ରେ କୁଆଡ଼େ ଯାଇଥିଲେ। ହେଲେ ଶନିବାର ସକାଳ ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। କନ୍ଧଜିଲିଣ୍ଡା ଗ୍ରାମ ନିକଟ ପୋଖରୀ ହୁଡ଼ାରେ ତାଙ୍କ ବାଇକ୍ ରହିଥିଲା। ଏହା ଦେଖି ପରିବାର ଲୋକେ ଆଖପାଖ ଅଞ୍ଚଳ ଖୋଜାଖୋଜି କରିଥିଲେ। ହେଲେ ନିକଟସ୍ଥ ଜଙ୍ଗଲରୁ ତାଙ୍କ ମୃତଦେହ ମିଳିଥିଲା। ମୃତଦେହ ନିକଟରେ ଫାଶ ପକାଯାଇଥିବା ବିଦ୍ୟୁତ୍ ତାର, ବାଡି. ଛୁରୀ, ମୋବାଇଲ ଫୋନ ଓ ଚପଲ ପଡ଼ିଥିଲା। ବିଦ୍ୟୁତ୍ ତାର ଲାଗି ତାଙ୍କ ଛାତି ଓ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରଞ୍ଜନ କାହିଁକି ସେଠାକୁ ଯାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ତଦନ୍ତ ପରେ ତାହା ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି। ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ଏସ୍ଆଇ ବୀରେନ୍ଦ୍ର ଦେହୁରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶନିବାର ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମାନସ



@ ନିରଞ୍ଜନ



@ ବିଶ୍ୱଜିତ୍



@ ତ୍ରିନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳାଦ୍ରିବିହାରରେ ଚୋରି

**ନୟାଗଡ଼,୧୪।୧୦(ଲୋକନାଥ ମିଶ୍ର):** ନୟାଗଡ଼ ଟାଉନ ଥାନା ନୀଳାଦ୍ରୀବିହାରର ଶୁକଦେବ ଦାସଙ୍କ ଘରୁ ଚୋରି ହୋଇଛି । ଶୁକଦେବଙ୍କ ପରିବାର ଶ୍ରାଦ୍ଧ ପକାଇବା ପାଇଁ ନିଜ ଗାଁ ଖଣ୍ଡପଡ଼ା ଥାନାର ଖଳିସାହିକୁ ୨ ଦିନ ତଳେ ଯାଇଥିଲେ । ଏହାର ସୁଯୋଗ ନେଇ ଚୋରମାନେ ପାଚେରୀରେ ଚଢ଼ି ପାଇଖାନା ଝରକା ତାଡି ଘରେ ପଶିଥିଲେ । ଘର ଜଗୁଆଳିକୁ ମାରପିଟ୍ କରି ଗୋଟିଏ ଘରେ ତାଲା ପକାଇ ଦେଇଥିଲେ । ପରେ ଘରୁ ସବୁ ଅଳଙ୍କାର ଓ ଟଙ୍କା ଲୁଟି ନେଇଛନ୍ତି । ଚୋରି ଟଙ୍କା ଓ ସୁନା ଅଳଙ୍କାରର ଦାମ ୪ରୁ ୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ତେବେ ପୋଲିସ ପହଞ୍ଚି ତଦନ୍ତ କରିଥିବାବେଳେ କେତେ କ'ଣ ଚୋରି ହୋଇଛି ଜଣାପଡିନି । ଅନ୍ୟପକ୍ଷେ ଘରେ ଲାଗିଥିବା ସିସିଟିଭି ଅଚଳ ଥିବାରୁ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି ।

# ରାସ୍ତା ସମ୍ପ୍ରସାରଣ ପାଇଁ କଟା ହେବ ୧ ହଜାର ଗଛ



ରାସ୍ତା ସମ୍ପ୍ରସାରଣ ପାଇଁ କଟା ହେବାକୁ ଥିବା ଗଛ

ଖଣ୍ଡପଡ଼ା,୧୪।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାରୁ -ଭାପୁର- ଫତେଗଡ଼କୁ ସଂଯୋଗ କରୁଥିବା ପ୍ରାୟ ୧୮ କିମି ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ ପାଇଁ ୨୧ କୋଟି ଟଙ୍କା ମଞ୍ଜୁର ହୋଇଛି। ମାତ୍ର ରାସ୍ତା ସମ୍ପ୍ରସାରଣ ପାଇଁ ପ୍ରାୟ ୧ହଜାର ଗଛ କଟାଯିବ ବୋଲି ସୂଚନା ମିଳିଛି। ଉକ୍ତ ରାସ୍ତାର ଓସାର ୧୮ ଫୁଟ ଥିବା ବେଳେ ଏହାର ଓସାର ୨୪ ଫୁଟକୁ ବୃଦ୍ଧି କରାଯିବ। ଏହି ପ୍ରଶସ୍ତିକରଣ ଯୋଜନାରେ ରାସ୍ତା ପାର୍ଶ୍ୱରେ ରହିଥିବା ବହୁ ପୁରାତନ ଛାୟା ପ୍ରଦାନକାରୀ ବୃକ୍ଷ କଟା ଯିବ ବୋଲି ଜଣାପଡିବା ପରେ ପରିବେଶବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷ କରି ରାଜରାଜୁଡା ଅମଳରୁ ରୋପଣ କରାଯାଇଥିବା ବୃକ୍ଷ ସହ ରାଜ୍ୟ ସରକାର ବନ ବିଭାଗ ଜରିଆରେ ପ୍ରତିବର୍ଷ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବନୀକରଣ ଯୋଜନାରେ ବହୁ ଗଛ ଲଗାଯାଇଛି। ଏଥି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ରାସ୍ତା ସମ୍ପ୍ରସାରଣ ବେଳେ ପଥ ପାର୍ଶ୍ୱ ଗଛଗୁଡିକର ସୁରକ୍ଷା ପ୍ରତି ଧ୍ୟାନ ଦିଆଯଉବୋଲି ବୁଦ୍ଧିଜୀବି ମହଲରୁ ଦାବି ହେଉଛି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଭାପୁର,୧୪।୧୦(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ଗ୍ରାମ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଦୁଇଦିନିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାଲ ଜଳାଇ କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଇଗୁଣିଆ ପଞ୍ଚାୟତ ସରପଞ୍ଚ ନିରୁପମା ମହାରଣା, ଶିକ୍ଷାବିତ୍ ବୈକୁଣ୍ଠ ଦାସ, ସାମାଜିକ କର୍ମୀ ନାରାୟଣ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଭାପୁର ବ୍ଲକର ୨୨ ବିଦ୍ୟାଳୟରୁ ୧୫୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟିତ ଦିବସରେ ଦୌଡ କୁଦ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଡିସ୍କ, ସଟ୍ ଫୁଟ, ଜାଭଲିନ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ବ୍ଲକ କ୍ରୀଡା ଶିକ୍ଷକ ସମ୍ପାଦକ ଶଙ୍କର୍ଷଣ ମଲିକ, କ୍ରୀଡା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଓ କ୍ରୀଡା ଶିକ୍ଷକ ବିକ୍ରମ କେଶରୀ ସାମନ୍ତରାୟ।



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଉଦଯାପିତ ଦିବସରେ ମୁଖ୍ୟ ଅତିଥି ଭାବେ ବାଇଗୁଣିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ରଣା ଯୋଗଦେଇ କ୍ରୀଡା ପତାକାକୁ ଅବତରଣ କରିଥିଲେ। ଉଦ୍‌ଯାପିତ ଦିବସରେ ଫୁଟବଲ ଓ କ୍ରିକେଟ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା। ଫୁଟବଲ ଓ କ୍ରିକେଟ ଖେଳକୁ ସୁଚାରୁରୂପେ ପରିଚାଳନା କରିଥିଲେ ବଳଦିଆ ନୂଆଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଗଦାଧର ପଣ୍ଡା, ବ୍ଲକ କ୍ରୀଡା ସମ୍ପାଦକ ଶଙ୍କର୍ଷଣ ମଲିକ, ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଓ ବାଘୁଆପଲ୍ଲୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ, କ୍ରୀଡା ଶିକ୍ଷକ ଦେବାଶିଷ ମିତ୍ର। ବ୍ଲକର କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ବିକ୍ରମ କେଶରୀ ସାମନ୍ତରାୟ, ଶ୍ରୀକାନ୍ତ ପଣ୍ଡା, ଜିତେନ୍ଦ୍ର ଦାଶ, ପ୍ରତାପ ନାଏକ, ରମେଶ ଚନ୍ଦ୍ର ସେଠୀ, ବାସୁଦେବ ବେହେରା, ନୀଳମଣି ପ୍ରଧାନ, ରାଜଲକ୍ଷ୍ମୀ ସାହୁ, ରଶ୍ମିତା ବେହେରା, ସରୋଜିନୀ ପରିଡ଼ା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଦେବସ୍ମିତା ବେହେରା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଚୟନ ହୋଇଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୫ ଅକ୍ଟୋବର, ୨୦୨୩



# ବଢୁଛି କଳାହୀରାର କଳାବଜାର

## ରେଳ ସାଇଡିଂରେ ଅପମିଶ୍ରଣ, ରେଳଲାଇନରୁ ଚୋରି

ଯାଜପୁର,୧୪।୧୦(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ କଳାହୀରା (କୋଇଲା)ର କଳାବଜାର ବଢ଼ିବାରେ ଲାଗିଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ରେଲୱେ ସାଇଡିଂରେ କୋଇଲା ଅପମିଶ୍ରଣ ଘଟଣା ପଦାକୁ ଆସିବା ପରେ ଖଣି ବିଭାଗ ପକ୍ଷରୁ କୋଇଲାର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଅନ୍ୟପକ୍ଷେ ହରିଦାସପୁର-ପାରାଦୀପ ରେଳଲାଇନର ବିଭିନ୍ନ ଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରୁ ପ୍ରତିଦିନ ରେଳଗାଡ଼ି ଓ ରେଳଧାରଣାରୁ କୋଇଲା ଚୋରି ଏକ ନିୟମିତ ଘଟଣାରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି।

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ହରିଦାସପୁର-ପାରାଦୀପ ସେକ୍ସନ୍‌ରେ ରେଳଗାଡ଼ି ଚଳାଚଳକୁ ଇତିମଧ୍ୟରେ ୩ ବର୍ଷ ଅତିକ୍ରମ କରିସାରିଛି। କିନ୍ତୁ ବିଭିନ୍ନ ସମୟରେ ସ୍ଥାନୀୟ ଜନସାଧାରଣ, ଲୋକପ୍ରତିନିଧିମାନଙ୍କ ଦାବି ସତ୍ତ୍ୱେ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ଦେଇ ନିର୍ମିତ ଏହି ରେଳପଥରେ ଏଯାବତ୍ ଯାତ୍ରୀବାହୀ ରେଳଗାଡ଼ି ଚଳାଚଳ କରିପାରିନାହିଁ। ଏହି ରେଳପଥରେ ଯାଜପୁର ଜିଲାର ହରିଦାସପୁର, ଚଣ୍ଡୀଖୋଲ, ଉଦୟଗିରି-ରତ୍ନଗିରି ରୋଡ୍ ଓ ଲଳିତଗିରି ରେଳଷ୍ଟେଶନ ରହିଛି। ସେହିପରି କେନ୍ଦ୍ରାପଡ଼ା ଜିଲାର ବାଜିପଡ଼ା, କେନ୍ଦ୍ରାପଡ଼ା, ମାର୍ଶାଘାଇ ରୋଡ୍, କଳାଘର, ନୂଆଗାଁ ଏବଂ ଜଗତ୍‌ସିଂହପୁର ଜିଲାର ସିଜୁ ଓ ପାରାଦୀପ ରେଳଷ୍ଟେଶନ ରହିଛି। ଦେଶର ଗୁରୁତ୍ୱପୂର୍ଣ୍ଣ ପାରାଦୀପ ବନ୍ଦର ସହିତ ଯୋଡ଼ି ହୋଇଥିବା ଏହି ରେଳପଥରେ ବିଭିନ୍ନ ପ୍ରକାରର ଖଣିଜ ସମ୍ପଦ ପରିବହନ କରାଯାଉଛି। ମୁଖ୍ୟତଃ କୋଇଲା, ଜିପସମ୍, ସିମେଣ୍ଟ, ରାସାୟନିକ ସାର, ଲୁହା ପ୍ଲେଟ, ଷ୍ଟିଲ ପ୍ଲେଟ, ଲୁହାପଥର ଏବଂ ବିଭିନ୍ନ ପେଟ୍ରୋଲିୟମ୍‌ଜାତ ସାମଗ୍ରୀ ଏହି ରେଳପଥରେ ପଠାଯାଉଛି। ଭାରତ ଭିତରୁ ଏବଂ ଭାରତ ବାହାରୁ ମଧ୍ୟ ବିଭିନ୍ନ ସାମଗ୍ରୀର ଆମଦାନି ଓ ରପ୍ତାନି କରାଯାଉଥିବାରୁ ଏହି ରେଳପଥର ଗୁରୁତ୍ୱ ବେଶ୍ ବଢ଼ି ଯାଇଛି। ବର୍ତ୍ତମାନ ଏହି ରେଳପଥରେ ଦୈନିକ ୩୪/୩୫ଟି ମାଲବାହୀ ରେଳଗାଡ଼ି ଯିବାଆସିବା କରୁଥିଲେ ହେଁ ହରିଦାସପୁର-ପାରାଦୀପ ରେଳ ସେକ୍ସନ୍‌ର ଅଧିକାଂଶ ଷ୍ଟେଶନ ଏବଂ ସଂଲଗ୍ନ କୋଠାବାଡ଼ିଗୁଡ଼ିକ ଏଯାବତ୍ ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି ରେଳପଥରେ ପ୍ରତ୍ୟହ ପାରାଦୀପ ବନ୍ଦରରୁ ବିଭିନ୍ନ ଶିଳ୍ପାଞ୍ଚଳକୁ ଯାଉଥିବା କୋକ୍-କୋଇଲାଗୁଡ଼ିକୁ ବିଭିନ୍ନ ଷ୍ଟେଶନରେ ସ୍ଥାନୀୟ ଲୋକମାନେ ରେଳଡ଼ବା ଓ ରେଳଧାରଣାରୁ ବିପଜ୍ଜନକ ଭାବେ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ରେଳ ସୁରକ୍ଷାବଳ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ମତପ୍ରକାଶ ପାଇଛି। ଏହାବାଦ ୩/୪ ବର୍ଷ ତଳୁ ନିର୍ମିତ ରେଳଷ୍ଟେଶନକୁ ସଂଯୋଗ କରୁଥିବା ପକ୍କା ସଡ଼କଗୁଡ଼ିକ ଏବେ ଫାଟି ଆଁ କଲାଣି। ଏହି ସଂଯୋଗୀକରଣ ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ବିଦ୍ୟୁତଖୁଣ୍ଟଗୁଡ଼ିକ ଅଚଳ ହୋଇପଡ଼ିଛି। ଏହାର ସୁଯୋଗରେ କୋଇଲା ଚୋରି ବଢ଼ିବାରେ ଲାଗିଛି।

୪ ବର୍ଷ ହେଲା ମେସ୍କୋ କାରଖାନା ବନ୍ଦ ରହିଛି। ଫଳରେ ଶ୍ରମିକ, କର୍ମଚାରୀମାନଙ୍କୁ ବକେୟା ଅର୍ଥ ମିଳିନି। ଅନ୍ୟପକ୍ଷେ ରେଳସାଇଡିଂ ଚଳାଇ ମାଲିକ ମାଲାମାଲ ହେଉଛନ୍ତି। ଏଥିରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ରହିଥିବା ଚର୍ଚ୍ଚା ହେଉଛି। ଫଳରେ ରେଳସାଇଡିଂ ଦାୟିତ୍ୱରେ ଥିବା ଅଧିକାରୀମାନେ ଅନାୟାସରେ କୋଇଲା ସହ କଳା ପାଉଁଶ, ଚାରକୋଲ ଆଦି ମିଶାଇ ଅପମିଶ୍ରଣ କରୁଥିବା ଅଭିଯୋଗ ପରେ ଏବେ ତଦନ୍ତ ଚାଲିଛି। ଏହି ଅସାଧୁ କାରବାରରେ ପରିବେଶ ବିଭାଗ, ରେଲୱେ, ଖଣି ଓ କାରଖାନାଗୁଡିକର ଅଧିକାରୀ, କର୍ମଚାରୀମାନେ ସମ୍ପୃକ୍ତ ଥିବା କୁହାଯାଉଛି। ତେଣୁ ଏହି ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ନେଇ ସାଧାରଣରେ ସନ୍ଦେହ ଦେଖାଦେଇଛି। ଅନ୍ୟପକ୍ଷେ ଯାଜପୁର ରୋଡ୍ ଡିଏମ ବିଭୂତିଭୂଷଣ ବେହେରା କହିଛନ୍ତି, ଅଭିଯୋଗର ସତ୍ୟାସତ୍ୟ ଜାଣିବାକୁ ଏକ ୬ ଜଣିଆ ଟିମ୍ କରାଯାଇ ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ହରିଦାସପୁର- ପାରାଦୀପରୁ କୋଇଲା ଚୋରି ଚାଲିଛି।

## ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ



କଂଗ୍ରେସ ନେତା ଓ କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି।

ପାଣିକୋଇଲି,୧୪।୧୦(ବିକାଶ ମଲ୍ଲିକ):

କୋରେଇ ବ୍ଲକ କଂଗ୍ରେସ ପକ୍ଷରୁ ପଥରପଦା ପଞ୍ଚାୟତ କଂଗ୍ରେସ କମିଟି ଅନୁକୂଲ୍ୟରେ ଓଚିନ୍ଦା ଗ୍ରାମରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ପଦଯାତ୍ରା ମା' ନେଙ୍କୁରୁଶୁଣୀପୀଠରୁ ବାହାରି ତାଜପୁର, ଖସାଗଡିଆ, ଓଚିନ୍ଦା ଗ୍ରାମ ପରିକ୍ରମା କରି ମୁଲରୀଠାରେ ସମାପନ ହୋଇଥିଲା। ଏଥିରେ ଦରଦାମ ବୃଦ୍ଧି, ସରକାରଙ୍କ ଚାଷୀ ମାରଣ ନୀତି ଓ ନୂତନ ନିଯୁକ୍ତ ବାବଦରେ ଜନସଚେତନ ସୃଷ୍ଟି ସହ ପଦଯାତ୍ରାର ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା।

ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରାକେଶ ସାହୁ, କୋରେଇ ମହିଳା କଂଗ୍ରେସ ମୁଖ୍ୟ ଜୟନ୍ତୀ ସାହୁ, ପୂର୍ବତନ ବ୍ଲକ ସଭାପତି ମଧୁସୂଦନ ସାହୁ, ଓବିସି ସେଲ ସଭାପତି ନରହରି କୁଅଁର, ପ୍ରମୋଦ ପରିଡା, ଘନଶ୍ୟାମ ପଣ୍ଡା, ନିରଞ୍ଜନ ନାୟକ, ଶ୍ୟାମସୁନ୍ଦର ଜେନା, ଅଭୟ ସ୍ୱାଇଁ, ମଦନ ମୋହନ ବେହେରା, ରାଜକିଶୋର ଦାସ, ତଉଲି ସାମଲ, ରବୀନ୍ଦ୍ର ସେନାପତି, ବାଦଲ ବେହେରା, ଦିବାକର ବୋଇତାଇ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ରମେଶ ବାରିକ, ରମେଶ ବିନ୍ଧାଣୀ, ମୃତ୍ୟୁଞ୍ଜୟ ଦେବନାଥଶର୍ମା, ଅନନ୍ତ କବି, ସୁଦର୍ଶନ ମହନ୍ତ ଓ ଗଜେନ୍ଦ୍ର କର ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ପଥରପଦା ପଞ୍ଚାୟତ ସଭାପତି ନାରାୟଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାକେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ୧୦ ଫୁଟ୍ ଲମ୍ବର ଅଜଗର ଉଦ୍ଧାର

ଯୋଡ଼ା,୧୪।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସେକ୍ସନ ଅଧୀନସ୍ଥ ଯମୁନାପଶି ଗ୍ରାମରୁ ବନବିଭାଗ ଏକ ଦଶ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରିଛି। ସାପକୁ ସୁରକ୍ଷିତ ଅବସ୍ଥାରେ ବନ୍ଧୁଆବେଡ଼ା ଖେଶ୍ରା ଜଙ୍ଗଲ ମଧ୍ୟରେ ଛାଡ଼ି ଦିଆଯାଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଯୋଡ଼ା ବନପାଳଙ୍କ ସମେତ ଯୋଡ଼ା ସେକ୍ସନର ସ୍କ୍ୱାର୍ଡ ଗୋପାଳ ନାୟକ, ସୁନିଆ ମୁଣ୍ଡା, ବନରକ୍ଷୀ ନିଲମ ମହାନ୍ତ, ବନରକ୍ଷୀ ସୁରଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ବାହାନଗା, ୧୪।୧୦(ଅରୂପ୍ କୁମାର ଦାସ): ବାହାନଗା ବ୍ଲକ ଚକଜଗନ୍ନାଥପୁର ପଞ୍ଚାୟତ ବାସୁବରମପୁର ଗ୍ରାମରେ ଥିବା ମଙ୍ଗଳାପୋଖରୀ ଭିତରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ।

ବାସୁବରମପୁର ଗ୍ରାମର ଜଣେ ବ୍ୟକ୍ତି ଶନିବାର ସକାଳେ ମର୍ନିଂୱାକ କରିବା ପାଇଁ ମଙ୍ଗଳାପୋଖରୀ ଦେଇ ଯାଉଥିବା ବେଳେ ପାଣିରେ ମୃତଦେହ ଭାସୁଥିବା ଦେଖିଥିଲେ। ଲୋକେ ଖନ୍ତାପଡା ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ପାଣି ଭିତରୁ ଗଳିତ ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇ ଦେଇଥିଲେ। ତେବେ ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଜଣେ ମାନସିକ ବିକୃତ ଯୁବକ ବୋଲି ଆଲୋଚନା ହେଉଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଯାଜପୁର ପ୍ରେସ୍ କ୍ଲବ ପକ୍ଷରୁ ହେବ ନାଟକ ମଞ୍ଚସ୍ଥ



ବୈଠକରେ ଯୋଗଦେଇଥିବା ପ୍ରେସ୍ କ୍ଲବର କର୍ମକର୍ତ୍ତା।

ଯାଜପୁର ଟାଉନ,୧୪।୧୦ (ପ୍ରଯଜ୍ଞା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ପ୍ରେସ୍ କ୍ଲବ ପକ୍ଷରୁ ଆସନ୍ତା ଜାନୁୟାରୀ ୧୪ ତାରିଖ କ୍ଲବର ବାର୍ଷିକ ଉତ୍ସବରେ ସଭ୍ୟାସଭ୍ୟାଙ୍କ ଦ୍ୱାରା ଏକ ସାମାଜିକ ନାଟକ ମଞ୍ଚସ୍ଥ ହେବ। ସ୍ଥାନୀୟ ବିରଜା ପାନ୍ଥଶାଳାଠାରେ ଅନୁଷ୍ଠିତ କ୍ଲବର ଏକ ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କ୍ଲବ୍ ସଭାପତି ରାଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧ ଘଣ୍ଟାର ନାଟକ ପରିବେଷଣ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିରେ ମୁଖ୍ୟତଃ ଗଣମାଧ୍ୟମର ସମାଜ ଗଠନରେ ଭୂମିକା, ଦାୟିତ୍ୱ ନିର୍ବାହବେଳେ ଜଣେ ସାମ୍ବାଦିକ କିପରି ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହୁଅନ୍ତି, ସାମ୍ବାଦିକତା ପାଇଁ କିଭଳି ବ୍ୟକ୍ତିଗତ ଓ ବୃତ୍ତିଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ଓ ଆକ୍ରୋଶର ଶିକାର ହେବା ଆଦି ବିଷୟଗୁଡିକ ଏଥିରେ ସ୍ଥାନିତ ହେବ। ଜଣେ ଅଭିଜ୍ଞ ନାଟ୍ୟକାର ଏବଂ ଜଣେ ଜଣାଶୁଣା ମଞ୍ଚ ନିର୍ଦ୍ଦେଶକଙ୍କୁ ନାଟକ ରଚନା, ନିର୍ଦ୍ଦେଶନା ଦାୟିତ୍ୱ ଦେବା ପାଇଁ ସ୍ଥିର କରାଯାଇଛି। ପ୍ରତିଷ୍ଠିତ ସଂଗୀତକାର ନାଟକରେ ସଂଗୀତ ପରିଚାଳନା କରିବେ। କ୍ଲବର ଅଧିକାଂଶ ସଭ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଥିବାବେଳେ ତଦନୁଯାୟୀ ଚିତ୍ରନାଟ୍ୟ ପ୍ରସ୍ତୁତ କରାଯିବ। ପରବର୍ତ୍ତୀ କୋର କମିଟି ବୈଠକ ଖୁବ୍‌ଶୀଘ୍ର ହେବ ବୋଲି ସଭାପତି ସୂଚନା ଦେଇଛନ୍ତି।

ଏହି ଅବସରରେ ମା'ବିରଜାଙ୍କ ଦର୍ଶନରେ ଆସିଥିବା ହାଇଦ୍ରାବାଦର ସାମ୍ବାଦିକା ଇନ୍ଦ୍ରାଣୀ ସରକାରଙ୍କୁ କ୍ଲବ୍ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବୈଠକରେ ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ମହାନ୍ତି, କୈଳାଶ ଚନ୍ଦ୍ର ନାୟକ, ଜୟନ୍ତ କୁମାର ଗୋସ୍ୱାମୀ, ବିଜୟ କୁମାର ମହାନ୍ତି, ସମରଜିତ ମହାନ୍ତି, ଅଜୟ ରାଉଳ, ଦିଲୀପ ଦାସ, ପ୍ରଭାତ ତ୍ରିପାଠୀ, ବିଜୟ ସାହୁ, ତପନ କୁମାର ମହାନ୍ତି, ବିରଜା ପ୍ରସାଦ ପାଣି, ମହେଶ୍ୱର ସାହୁ, ଦେବାଶିଷ ସାହୁ, ଆଦିତ୍ୟ କୁମାର ମହାନ୍ତି, ନିତ୍ୟାନନ୍ଦ ମିଶ୍ର, ସଞ୍ଜୀବ ନାୟକ, ପରମେଶ୍ୱର ବେହୁରିଆ, ସମର ବିଜୟ ଶରଣ, ଅନୀଲ ପଣ୍ଡା, ସୁରେନ୍ଦ୍ର ସାମଲ, ହିମାଂଶୁ ପାଢ଼ୀ, ମାନସ ତ୍ରିପାଠୀ, ସୌମ୍ୟରଞ୍ଜନ ଦାସ, ମନୋଜ ରଣା, ପବିତ୍ର ପାଣିଗ୍ରାହୀ, ବିଭୁଦତ୍ତ ପୃଷ୍ଟି ଓ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଅରୁଣ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଦନ୍ତାହାତୀ ଆକ୍ରମଣରେ ନାବାଳିକାଙ୍କ ସମେତ ୩ ଗୁରୁତର

ସୋର, ୧୪।୧୦(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଜଙ୍ଗଲରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ନାବାଳିକାଙ୍କ ସମେତ ୩ ଜଣ ଗୁରତର ହୋଇଛନ୍ତି। ଶନିବାର ମଧ୍ୟାହ୍ନରେ ସିନ୍ଧୁଆ ଗ୍ରାମର କିଛି ଲୋକଙ୍କ ସହିତ ମୁରଲୀଧର ସିଂ(୫୫), ଦେବକୀ ସିଂ(୧୫) ଏବଂ ଡୁଗୁରି ସିଂ ଗ୍ରାମ ନିକଟ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ଜଙ୍ଗଲ ମଧ୍ୟରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଦେବକୀ ଏବଂ ମୁରଲୀଧର ଗୁରୁତର ଆହତ ହୋଇଥିବା ବେଳେ ଡୁଗୁରିଙ୍କୁ ହାତୀ ଶୁଣ୍ଢରେ ଆକ୍ରମଣ କରିବାରୁ ମୁହଁ ଫାଟିଯାଇଥିଲା। ଦେବକୀ ଏବଂ ମୁରଲୀଧରଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡୁଗୁରି ଘରେ କେହି ନ ଥିବାରୁ ସେ ଘରେ ଥିବା ଜଣାପଡିଛି।

## ଲଜ୍‌ରେ ପୋଲିସର ଚଢ଼ାଉ

ଭଦ୍ରକ,୧୪।୧୦(ସନାତନ ରାଉତ)

ଭଦ୍ରକ ବାଇପାସ୍‌ସ୍ଥିତ ଏକ ଲଜ୍‌ରେ ଟାଉନ ପୋଲିସ ଶନିବାର ସନ୍ଧ୍ୟାରେ ଚଢ଼ାଉ କରିଛି। ଲଜ୍‌ରୁ ୩ ଯୁବତୀ ଓ ୨ଜଣ ଯୁବକଙ୍କୁ ପୋଲିସ ଥାନାକୁ ନେଇ ଅଟକ ରଖିଛି। ୩ ଯୁବତୀଙ୍କ ମଧ୍ୟରୁ ୨ଜଣ ବଙ୍ଗୀୟ ଯୁବତୀ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି। ତଦନ୍ତ ଚାଲିଥିବାରୁ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

## ଗଙ୍ଗୋତ୍ରୀ ଉତ୍ପାଦକ ଗୋଷ୍ଠୀ ଉଦ୍‌ଘାଟିତ

ସିଂହପୁର,୧୪।୧୦(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରଠାରେ ମିଶନ ଶକ୍ତି ଆନୁକୂଲ୍ୟରେ ଗଠିତ ଓ ପରିଚାଳିତ ଗଙ୍ଗୋତ୍ରୀ ଉତ୍ପାଦକ ଗୋଷ୍ଠୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ କହିଥିଲେ, ସରକାର ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ଆର୍ଥିକ ବିକାଶ କରୁଛନ୍ତି। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ବିଡିଓ ଦିବ୍ୟଦ୍ୟୁ ଦାସ, ମିଶନ ଶକ୍ତିର ଗୋଷ୍ଠୀ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀଶେଖର ସେନାପତି ଓ ସମିତିସଭ୍ୟା ଭାଗ୍ୟବତୀ ଧଳ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।




ଗଙ୍ଗୋତ୍ରୀ ଉତ୍ପାଦକ ଗୋଷ୍ଠୀ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥି।

## ପୋଖରୀରେ ବୁଡି ଶିଶୁ ମୃତ

ସୋର, ୧୪।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା ବାହାନଗା ପଞ୍ଚାୟତ ଇଚ୍ଛାପୁର ଗ୍ରାମର କମ୍ପୁନାଥ ଦାସଙ୍କ ୨ ବର୍ଷର ପୁଅ ଭବେଶ ଅପରାହ୍ନରେ ଖେଳୁଥିବା ବେଳେ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଉକ୍ତ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆକ୍ସିସ୍ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ଯାଜପୁର ସଦର,୧୪।୧୦ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର ମହେଶ୍ୱରପୁରଠାରେ ଆକ୍ସିସ ବ୍ୟାଙ୍କର ଏକ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହା ରାଜ୍ୟର ୨୦୯ତମ ଶାଖା ହୋଇଥିବାବେଳେ ଯାଜପୁର ଜିଲାର ୮ମ ଶାଖା ହୋଇଛି। ମୁଖ୍ୟଅତିଥି ଭାବେ ରସୁଲପୁର ବିଡିଓ ଅବନିକାନ୍ତ ସାହୁ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସଦର ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ସାମାଜିକ କର୍ମୀ ବ୍ରଜକିଶୋର ପାଢ଼ୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ବେହେରା, ଦୀନବନ୍ଧୁ ମଲ୍ଲିକ, ଅମିତ ରାଉତ ଓ ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ୟାଙ୍କର ଜିଲା ମୁଖ୍ୟ ଦେବୀପ୍ରସନ୍ନ ଦାସ, ଗଣେଶ୍ୱର ଦାସ, ଯାଜପୁର ଶାଖା ପରିଚାଳକ ଶିବ ଶଙ୍କର ମିତ୍ର ଓ ମହେଶ୍ୱରପୁର ଶାଖା ପରିଚାଳକ ଆଦ୍ୟକାନ୍ତ ସାମଲ ଉପସ୍ଥିତ ରହି ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିବାସହ ଏହି ଶାଖା ସମସ୍ତ ସରକାରୀ ଅନୁଦାନ, ଋଣ ପ୍ରଦାନ ସହ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ।



ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ବ୍ୟାଙ୍କ ଶାଖା ଉଦ୍‌ଘାଟନ କରୁଛନ୍ତି।

# ଲୋକଙ୍କ ଜୀବନ ସହ ଖେଳ

### ନକଲି ହୋମିଓପାଥି ଚିକିତ୍ସକ ଦେଉଛନ୍ତି ମାରାତ୍ମକ ଔଷଧ

■ ବିଷ କବଳରେ ରୋଗୀ, ଜିଲାରେ ବୃଦ୍ଧିପାଉଛି ହୋମିଓପାଥି କ୍ୱାକ୍‌ଙ୍କ ଦୌରାତ୍ମ୍ୟ

ଯାଜପୁରଟାଉନ,୧୪।୧୦ (ପ୍ରଯଜ୍ଞା ପ୍ରିୟଦର୍ଶନୀ ମହାନ୍ତି):

ଲୋକଙ୍କ ଜୀବନ ସହ ଖେଳୁଛନ୍ତି କେତେଜଣ ହୋମିଓପାଥିକ କ୍ୱାକ୍। ସେମାନେ ମାରାତ୍ମକ ଟାବ୍‌ଲେଟ୍ ପ୍ରଦାନ କରି ବିଭିନ୍ନ ସମସ୍ୟା ବଢ଼ାଉଛନ୍ତି। ହେଲେ ସ୍ୱାସ୍ଥ୍ୟବିଭାଗ ଜାଣି ମଧ୍ୟ ଏଥିପ୍ରତି ନଜର ନ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିନା ହୋମିଓପାଥିକ ଡାକ୍ତରୀ ପାଠ ପଢ଼ାରେ ଅନେକ ଲୋକ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ କ୍ଲିନିକ୍ ଖୋଲି ରୋଗୀଙ୍କୁ ବିଭିନ୍ନ ପ୍ରକାର ଔଷଧ ପ୍ରଦାନ କରୁଛନ୍ତି। ସେମାନଙ୍କୁ କ୍ୱାକ୍ ଭାବେ ପରିଗଣିତ କରାଯାଉଥିବାବେଳେ ନିଜକୁ ସ୍ଥାନୀୟ ଅଞ୍ଚଳରେ ହୋମିଓପାଥିକ ଡାକ୍ତର କହି ସେମାନେ ସେବା ପ୍ରଦାନ କରିଆସୁଛନ୍ତି। ଯାଜପୁର ଜିଲାରେ ଏଭଳି କ୍ୱାକ୍ ୨୦୦ରୁ ଊର୍ଦ୍ଧ୍ୱ ଥିବାବେଳେ ହଜାର ହଜାର ସଂଖ୍ୟକ ରୋଗୀ ଅଳ୍ପ ଅର୍ଥରେ ସେମାନଙ୍କଠାରୁ ଔଷଧ କିଣି ଖାଇଥାଆନ୍ତି। ସେମାନେ ୫ବର୍ଷ ଧରି କୋଲକାତା, ରାଞ୍ଚି ଓ ନେପାଳରୁ ଟାବ୍‌ଲେଟ୍ (ଷ୍ଟେରଏଡ୍) ମଗାଇ ରୋଗୀମାନଙ୍କୁ ପ୍ରଦାନ କରୁଛନ୍ତି। ଏହି ଟ୍ୟାବ୍‌ଲେଟ୍ ଦିନକୁ ୨ଟି ଖାଇଲେ ରୋଗୀଙ୍କ ଯନ୍ତ୍ରଣା ଖୁବ୍ କମ୍ ସମୟରେ ଉପଶମ ହୋଇଥାଏ। ରୋଗୀ ଟାବ୍‌ଲେଟ୍ ଖାଇ କ୍ୱାକ୍‌ଙ୍କୁ ଉଚ୍ଚ ପ୍ରଶଂସା ମଧ୍ୟ କରିଥାନ୍ତି। ମାତ୍ର ଏହା କେତେ ଯେ ମାରାତ୍ମକ ତାହା ସାଧାରଣ ରୋଗୀ ଜଣିନାହାନ୍ତି। ଏହି ଟାବ୍‌ଲେଟ୍ ଖାଇବା ଫଳରେ ରୋଗୀଙ୍କ କିଡ୍‌ନୀ, ହାର୍ଟ, ପାକସ୍ଥଳୀରେ ବିଭିନ୍ନ ସମସ୍ୟା ସୃଷ୍ଟି ହେବା ସହ ଚର୍ମରୋଗ ଆଶଙ୍କା ଦେଖାଯାଇଥାଏ। ରାଜ୍ୟରେ ଏହି ଟ୍ୟାବ୍‌ଲେଟ୍ ବହୁଳ ପ୍ରଚଳନ ହେଉଥିବାବେଳେ ଜିଲାରେ ଏହାର ମାତ୍ରାଧିକ ବିକ୍ରି କରାଯାଉଛି। ଅନେକ ରୋଗୀ କ୍ୱାକ୍‌ମାନଙ୍କଠାରୁ ଏହି ଔଷଧ ଖାଇ ବିଭିନ୍ନ ରୋଗରେ ପୀଡ଼ିତ ହେବାପରେ ଏଲୋପାଥିକ ଚିକିତ୍ସା କରାଇଥାନ୍ତି। ଏହି ଘଟଣାକୁ ଯାଜପୁର ସହରର ହୋମିଓପାଥିକ ମେଡିସିନ୍ ଗବେଷଣା କରୁଥିବା 'ଦିଶା' ନାମକ ଏକ ସଂସ୍ଥା ସ୍ୱାସ୍ଥ୍ୟ ସଚିବଙ୍କ ସହ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଡ୍ରଗ୍ କଣ୍ଟ୍ରୋଲର, ରାଜ୍ୟ ଆୟୁଷ ନିର୍ଦ୍ଦେଶକ, ଜିଲାପାଳ, ଏସ୍‌ପିଙ୍କୁ ପତ୍ର ପ୍ରଦାନ କରି ଏଭଳି ଟାବ୍‌ଲେଟ୍‌କୁ ଆୟୁଧ କରୁଥିବା କ୍ୱାକ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଷ୍ଟେରଏଡ୍ ପ୍ରଚଳନ ବନ୍ଦ ପାଇଁ ଅନୁରୋଧ କରିଥିଲା। ହେଲେ ସ୍ୱାସ୍ଥ୍ୟ ବିଭାଗ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଦିଶାର ସଭାପତି ଡା. ସୀତାକାନ୍ତ ସାହୁ, ସମ୍ପାଦକ ଡା. ଗୀତାଞ୍ଜଳି ନାଥଶର୍ମା, ଡା. କଳ୍ପତରୁ ଲେଙ୍କା, ଡା. ଅମୂଲ୍ୟ ଶତପଥୀ, ଡା. କୈଳାସ ଚନ୍ଦ୍ର ବିଶ୍ୱାଳ, ଡା. ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଡା. ସଲୀଳା ଷଡ଼ଙ୍ଗୀ, ଡା. ଗୌତମ ଜେନା, ଡା. ଅରୁଣ କୁମାର ସାହୁ ପ୍ରମୁଖ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଜିଲା ଡ୍ରଗ୍‌ସ ଇନ୍ସପେକ୍ଟରଙ୍କୁ ଭେଟି ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ କ୍ୱାକ୍‌ମାନେ ବିନା ଦ୍ୱିଧାରେ ଶହଶହ ରୋଗୀଙ୍କୁ ଏହି ଔଷଧ ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମଧ୍ୟ ରାଜ୍ୟ ହୋମିଓପାଥିକ ଡାକ୍ତର ଆସୋସିଏଶନ୍ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଇ-କମ୍ପ୍ଲେନ୍ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏଭଳି ଔଷଧକୁ ତୁରନ୍ତ ବନ୍ଦ ନ କରାଗଲେ ଅନେକ ସାଧାରଣ ଲୋକଙ୍କ ଜୀବନ ଅସୁରକ୍ଷିତ ବୋଲି ଦିଶା ସଭାପତି ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଲା ଡ୍ରଗ୍ ଇନ୍ସପେକ୍ଟରଙ୍କ ସହ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।



# ଜିଲ୍ଲାରେ ନିମ୍ନମାନର ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଣ

ଜଗତ୍‌ସିଂହପୁର, ୧୪।୧୦ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ନିମ୍ନମାନର ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଣକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିଚାଲିଛି। ବିଶେଷକରି କେତେକ ସମୟରେ ଗମରା ଛତୁଆ ସାଙ୍ଗକୁ ପୋକ ତ ଆଉ କେତେବେଳେ ଛତୁଆ ପ୍ୟାକେଟରୁ ମଲାବେଙ୍ଗ ବାହାରିବା ପ୍ରସଙ୍ଗ ଚିନ୍ତାର କାରଣ ପାଲଟିଛି। ଏନେଇ ତନାଘନା ହେବା ସହ ଅଚାନକ ଚଢ଼ାଉ କରାଗଲେ ପରିସ୍ଥିତିରେ ସୁଧାର ଆସିପାରନ୍ତା ବୋଲି ଦାବି ହୋଇଛି।

ଜିଲାରେ ପାଖାପାଖି ୩୧,୪୬୭ ଶିଶୁ, ୨୨୮ ଦୁର୍ବଳ ଶିଶୁ, ୧୦,୩୫୧ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଯାଉଥିବା ସରକାରୀ ଭାବେ ଦର୍ଶାଯାଉଛି । ବାସ୍ତବରେ କିନ୍ତୁ ପ୍ରତ୍ୟେକଙ୍କ ପାଖରେ ଏହା ପହଞ୍ଚି ପାରୁନାହିଁ। ଏହାବାଦ୍ ପରିମାଣ ଏବଂ ମାନ କମ୍ କରାଯାଇ ବାର୍ଷିକ ଏକାଧିକ କୋଟି ଟଙ୍କାର ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି । ନିମ୍ନମାନର ସାଙ୍ଗକୁ ମନମୁଖି ଭାବେ ଛତୁଆ ପ୍ରସ୍ତୁତ କରାଯାଉଥିବାରୁ ଶିଶୁ ଓ ମା'ମାନଙ୍କ ପାଇଁ ବିପଦ ବଢ଼ାଇ ଦେଇଛି। ବିଗତ ଦିନରେ ଗମରା ଛତୁଆ ଓ ଏଥିରୁ ପୋକ ବାହାରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ନିକଟରେ ଛତୁଆରୁ ମଲାବେଙ୍ଗ ବାହାରିଥିବା ତିର୍ତ୍ତୋଲ ବ୍ଲକ ଦାଇଁଲୋ ପଞ୍ଚାୟତ ଅନ୍ତର୍ଗତ ପରୁଣା ଗାଁର ମନୋରଞ୍ଜନ ଦାସ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ, ତାଙ୍କ ପୁଅ ଅଙ୍ଗନୱାଡ଼ି କେନ୍ଦ୍ରରେ ପଢ଼ୁଛି । ନିକଟରେ ତାଙ୍କୁ ୨ ପ୍ୟାକେଟ୍ ଛତୁଆ ମିଳିଥିଲା । ବିଶ୍ୱକର୍ମା ପୂଜା ପୂର୍ବଦିନ ଏହି ୨ ପ୍ୟାକେଟ୍ ଛତୁଆ ସେ ଖୋଲିଥିଲେ । କିନ୍ତୁ ସେଥିମଧ୍ୟରୁ ଗୋଟିଏରୁ ମଲାବେଙ୍ଗ ବାହାରିଥିଲା । ଏହା ଦେଖି ସେ ପ୍ରଥମେ ଅଙ୍ଗନୱାଡ଼ି ଦିଦି, ସରପଞ୍ଚ ଓ ପରେ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗର ତଦନ୍ତ କୁଆଡେ଼ ଗଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ । ବାସ୍ତବରେ ଯଦି ଏହା ସତ୍ୟ

- ■ ନିକଟରେ ଛତୁଆ ପ୍ୟାକେଟ୍‌ରୁ ମଲା ବେଙ୍ଗ ବାହାରିଥିଲା
- ■ ବାର୍ଷିକ ଏକାଧିକ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ

ପ୍ରମାଣିତ ହୁଏ ତେବେ ସାଂଘାତିକ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଲୁଚି ରହିଥିବା ଅନେକ ଗୂଢ଼ ରହସ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି।

ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଏହି ପ୍ରସଙ୍ଗରେ କହିଛନ୍ତି, ଅତୀତରେ ଏହି ଯୋଜନାରେ ଯୋଗାଇ ଦିଆଯାଉଥିବା ଡାଲି ଏବଂ ଚାଉଳରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏହାକୁ ଏଡ଼ାଇବାକୁ ଯାଇ ରାଜ୍ୟ ସରକାର ୨୦୧୧ ଠାରୁ ଛତୁଆ ଯୋଗାଇ ଆସୁଛନ୍ତି। କିନ୍ତୁ ଏଥିରେ କୌଣସି ସୁଧାର ଆସୁନାହିଁ । ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଛତୁଆ ଯୋଗାଇ ଦିଆଯାଉଛି । କିନ୍ତୁ ଛତୁଆ ପ୍ରସ୍ତୁତକାରୀ ନିର୍ଦ୍ଦିଷ୍ଟ କେତେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ ଦେଲେ ଅଧିକାଂଶ ଲାଭଖୋର ମନୋଭାବ ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ । ମାସିକ ଲକ୍ଷାଧିକ ପ୍ୟାକେଟ୍ ଛତୁଆ ବଣ୍ଟନ କରାଯାଉଥିଲେ ମଧ୍ୟ ଓଜନରେ ବାଟମାରଣା କରାଯାଉଛି । ଏହାଛଡ଼ା ଗହମ, ବୁଟ, ଚିନାବାଦାମ ଏବଂ ଚିନିର ଭାଗ ଠିକ୍ ରହୁନି। ଏଥିରେ ଏକାଧିକ କୋଟି ଟଙ୍କାର ହେରଫେର ହେଉଛି। ସରକାରୀ ଭାବେ ଏସ୍‌ଏଚ୍‌ଜିଗୁଡ଼ିକୁ କିଲୋଗ୍ରାମ ପିଛା ୨ ଟଙ୍କା ଦରରେ ଗହମ ଯୋଗାଇଦିଆଯାଉଛି । ଗୋଷ୍ଠୀଗୁଡ଼ିକ ବର୍ଦ୍ଧିତ ଦରରେ ଏହାକୁ ବିକି ବେଶ୍ ଲାଭବାନ ହେଉଛନ୍ତି । ଜଗତ୍‌ସିଂହପୁର ଜିଲାରେ ଏକାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦୀର୍ଘ ବର୍ଷ ଧରି ଛତୁଆ ଯୋଗାଇ ଆସୁଛନ୍ତି । ପ୍ରକୃତରେ ଦେଖିବାକୁ ଗଲେ ଏହି ଏସ୍‌ଏଚ୍‌ଜି ନାମରେ ଅନେକ ପ୍ରଭାବଶାଳୀ ଲୋକ ଏହାକୁ ନିୟନ୍ତ୍ରଣ କରୁଛନ୍ତି। ସେମାନେ ବିଭାଗୀୟ ଅଧିକାରୀମାନଙ୍କୁ ମୋଟା ଅଙ୍କର ଲାଞ୍ଚ ଦେଇ ମନଇଚ୍ଛା ଲୁଟୁଛନ୍ତି । ଅତୀତରେ ଜଗତସିଂହପୁର ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟମାନେ ଏହି ପ୍ରସଙ୍ଗ ଉଠାଇ ହୋ ହଲ୍ଲା କରିଥିଲେ। ସେମାନେ କହିଥିଲେ, ବର୍ଷାଧିକ କାଳ ହେବ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଛତୁଆ ଉତ୍ପାଦନ ଏବଂ ଯୋଗାଣ ଦାୟିତ୍ୱ ଦିଆଯାଇଥିବା ବେଳେ ଏଗୁଡ଼ିକର ମାନ ନିର୍ଦ୍ଧାରଣ କିମ୍ବା ତଦାରଖ ହେଉ ନାହିଁ । କେବଳ ଛତୁଆ ଯୋଗାଉଥିବା ଏସ୍‌ଏଚ୍‌ଜିଗୁଡ଼ିକର ଅବଧି ପ୍ରତିବର୍ଷ ରିନ୍ୟୁ କରାଯାଉଛି । ଏଥିସହ ପ୍ରତି ମାସରେ ଷ୍ଟେଟ୍ ଲାବୋରେଟୋରିକୁ ସାମ୍ପଲ ପରୀକ୍ଷା ପାଇଁ ପଠାଯାଉଛି କି ନାହିଁ ତାହା ଜଣାପଡୁନାହିଁ। ଫଳରେ ଶିଶୁ, ଗର୍ଭବତୀ ଏବଂ ପ୍ରସୂତିଙ୍କ ଜୀବନ ସହ ଖେଳାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିଲେ।

## ଗୋବିନ୍ଦପୁର ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି'



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଜକନିକା,୧୪।୧୦(ରବୀନ୍ଦ୍ର କୁମାର ଦାସ)

ରାଜକନିକା ଶିକ୍ଷା ମଣ୍ଡଳ ଅଧୀନ ବଳରାମପୁର ପଞ୍ଚାୟତ ଗୋବିନ୍ଦପୁର ନୋଡାଲ ଉପ୍ରା ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର କୋମଳମତି ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ପାଇଁ ଶିକ୍ଷା ସହିତ ଖେଳ, ସଙ୍ଗୀତ, ପ୍ରବନ୍ଧ ଲିଖନ ଆଦି ବିଭିନ୍ନ ପ୍ରତିଯୋଗିତା କରିବା ଦ୍ୱାରା ଦକ୍ଷତା ବୃଦ୍ଧି ଘଟୁଛି। ସେଥିପାଇଁ ସୁରଭି କାର୍ଯ୍ୟକ୍ରମ ଲୋକପ୍ରିୟ ହୋଇପାରିଛି । ଉକ୍ତ କ୍ଲଷ୍ଟର ଅଧୀନରେ ଥିବା ୧୧ ବିଦ୍ୟାଳୟର ୧୭୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା ଯୋଗଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର କୁମାର ପୃଷ୍ଟି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ବ୍ରଜାନନ୍ଦ ମଲିକ, ବଳରାମପୁର ବିଡିସି ଅଞ୍ଜନା ସାହୁ, ବିଦ୍ୟାଳୟ କମିଟିର ସଭାପତି ମାନଗୋବିନ୍ଦ ପୃଷ୍ଟି ଓ ମୁଖ୍ୟବକ୍ତା ଭାବେ ରାଜକନିକା ଶିକ୍ଷା ମଣ୍ଡଳର ସହକାରୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ ।

## ବାଣିଜ୍ୟ ବିଭାଗରେ ସ୍ୱାଗତ ଉତ୍ସବ



ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଅତିଥି।

ରାଜକନିକା,୧୪।୧୦(ରବୀନ୍ଦ୍ର କୁମାର ଦାସ)

ସ୍ଥାନୀୟ ଓଲାଭର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ବାଣିଜ୍ୟ ବିଭାଗରେ ସ୍ୱାଗତ ଉତ୍ସବ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ବିଭାଗର ମୁଖ୍ୟ ପ୍ରଭାକର ବେହେରା ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ବିକାଶ କୁମାର ନାୟକ ଯୋଗଦେଇ ବାଣିଜ୍ୟ ବିଭାଗର ଶିକ୍ଷା ଉପରେ ଆଲୋକପାତ ଓ ମାର୍ଗ ଦର୍ଶନ କରିଥିଲେ। ଓଲାଭର ମହାବିଦ୍ୟଳୟ ବାଣିଜ୍ୟ ବିଭାଗର ମୁଖ୍ୟ ବେହେରା ଆଲୋଚନା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁନୀଲ କୁମାର ରାଉତ, ଅନନ୍ତ କୁମାର ସାହୁ ଓ ସୌମ୍ୟରଞ୍ଜନ ନାୟକ ଛାତ୍ରୀଛାତ୍ରମାନେ ଚାକିରି ପଛରେ ନ ଗୋଡ଼ାଇ ନିଜେ ନିଜର ଦକ୍ଷତାକୁ ବିନିଯୋଗ କରି ବଡ଼ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ସୁରେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଆଇନ ବାଣ କାରବାର: ୨ କୋର୍ଟ ଚାଲାଣ

ବାଲିକୁଦା,୧୪।୧୦(ତାପସ ସ୍ୱାଇଁ)

ବେଆଇନ ଭାବେ ବାଣ ତିଆରି କରିବା ସହ କାରବାର କରିବା ଅଭିଯୋଗରେ ଶନିବାର ବାଲିକୁଦା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଇଚ୍ଛାପୁର ପଞ୍ଚାୟତ ବଡ଼ାଗର ଅଞ୍ଚଳର ବୀଣାକର ପୃଷ୍ଟି (୬୫) ଓ ତାଙ୍କ ସମ୍ପର୍କୀୟ ପୁତୁରା ରଶ୍ମିରଞ୍ଜନ ପୃଷ୍ଟି (୩୨)। ଉଭୟ ଅଭିଯୁକ୍ତ କଟକ-ନୂଆଗାଁ ୫୫ ଜାତୀୟ ରାଜପଥ ପାର୍ଶ୍ୱର ଇଚ୍ଛାପୁର ଜଳ ସମ୍ପଦ କାର୍ଯ୍ୟାଳୟ ଗଡ଼ାଠାରୁ ଅନତି ଦୂରରେ ନିଜ ଘରେ ବାଣ ତିଆରି କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ସେଠାରୁ କେତେକ ହାତ ତିଆରି ବାଣ, ବାଣ ତିଆରି ରଞ୍ଜକ, ତାଳପତ୍ର ସମେତ ବାଣ ତିଆର ପାଇଁ ଆବଶ୍ୟକ ଅନ୍ୟାନ୍ୟ ସରଞ୍ଜାମ ଜବତ କରିଥିଲା। ଆଗକୁ ଦୀପାବଳି ପର୍ବ ଥିବାରୁ ଉକ୍ତ ପରିବାର ଏହି ବାଣ ତିଆରି କରୁଥିବା ପୋଲିସ କହିଛି। ଏନେଇ ଥାନାରେ ମାମଲା (ନଂ. ୪୧୭/୨୩ )ରୁଜୁ କରାଯାଇଛି ।

## ଇଣ୍ଟରନେଟ ବ୍ୟବହାର ବେଳେ ସତର୍କ ରହିବା ଜରୁରୀ



ସାଇବର ସଚେତନତା ରଥ ନିକଟରେ ମାସ୍କଟ୍ ସହ ପୋଲିସ କର୍ମଚାରୀ ଓ ଅନ୍ୟମାନେ।

ପାରାଦୀପ,୧୪।୧୦(ଶରତ ରାଉତ)

### ପାରାଦୀପରେ ସାଇବର ସଚେତନତା କାର୍ଯ୍ୟକ୍ରମ

ପାରାଦୀପ ସହରାଞ୍ଚଳରେ ଶନିବାର ଓଡ଼ିଶା ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପାରାଦୀପ ଆଦର୍ଶ ଥାନା ପାଖରେ ଲୋକଙ୍କୁ ସାଇବର ବ୍ୟବହାର କ୍ଷେତ୍ରରେ କିପରି ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ କୁହାଯାଇଥିଲା। ବିଶେଷକରି ଛାତ୍ରୀଛାତ୍ର ଓ ଯୁବପିଢ଼ି ଇଣ୍ଟରନେଟ ବ୍ୟବହାର କରିବା ସମୟରେ କିପରି ପାସ୍‌ୱାର୍ଡ, ଓଟିପି, ଅଜଣା କଲ, ମେସେଜ, ଲୋଭନୀୟ ଅଫର୍, ଅନ୍‌ଲାଇନ ଗେମ,ସୋସିଆଲ ମିଡିଆରେ ବ୍ୟକ୍ତିଗତ ତଥ୍ୟ ଶେୟାର ନ କରିବା ଆଦି ବିଷୟରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଦର୍ଶାଯାଇଥିଲା। ଏଥିରେ ପାରାଦୀପର ଆହ୍ୱାନ କମ୍ବାଇନ୍ସ, ଆଦର୍ଶ ପ୍ରୟାସ, ଆଜାଦଭାରତ ଟ୍ରଷ୍ଟ, ସଙ୍ଗଠନ ସମେତ ଅନ୍ୟସଂସ୍ଥାର ଲୋକମାନେ ସାମିଲ ହୋଇଥିଲେ। ପାରାଦୀପ ଡିଏସପି ସନ୍ତୋଷ ଜେନା, ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସଙ୍କ ସମେତ ଅନ୍ୟ ପୋଲିସ କର୍ମୀମାନେ ଉପସ୍ଥିତ ଥିଲେ। ପରେ ଷଣ୍ଢକୁଦରେ ମଧ୍ୟ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏହି ଅବସରରେ ସଚେତନତା ରଥ ସହର ସାରା ବୁଲିଥିଲା।

## ଦୁର୍ଗା ପୂଜା: ପୋଲିସର ଶାନ୍ତି କମିଟି ବୈଠକ

ବାଲିକୁଦା,୧୪।୧୦(ତାପସ ସ୍ୱାଇଁ)

ଆଗାମୀ ଦଶହରା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଲକ୍ଷ୍ୟରେ ଶନିବାର ବାଲିକୁଦା ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ ଡକାଯାଇଥିଲା। ଆଇଆଇସି ସଲିଳ ପ୍ରଧାନ ଥାନା ପରିସର କାର୍ଯ୍ୟାଳୟରେ ଏହାକୁ ଆୟୋଜନ କରିଥିଲେ। ବୈଠକରେ ଅଧିକ ଶବ୍ଦଯୁକ୍ତ ଡାକବାଜି ଯନ୍ତ୍ରର ବ୍ୟବହାର, ଭସାଣିରେ ଡିଜେ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ ଥାନା ପକ୍ଷରୁ ପ୍ରତ୍ୟେକ ମଣ୍ଡପରେ କର୍ମଚାରୀ ମୁତୟନ କରିବାକୁ କମିଟି ସଦସ୍ୟମାନେ ଥାନାଧିକାରୀଙ୍କୁ ଅନୁରୋଧ କରିଥିଲେ । ବୈଠକରେ ଏଏସ୍‌ଆଇ ଜ୍ଞାନରଞ୍ଜନ ଦାସ, ବାଲିକୁଦା ପୂଜା କମିଟି କର୍ମକର୍ତ୍ତା ରମାକାନ୍ତ ବାରିକ, ରାଜକିଶୋର ସାହୁ, ଶିବବ୍ରତ ଦାସ, ଗୌରାଙ୍ଗ ଚରଣ ଦାସ, ଶିବ ବିଶ୍ୱାଳଙ୍କ ସମେତ ବାହାରଣା, ମାଛଗାଁ, ଆମ୍ବଶାଳ, ଚଅଁରପୁର, ବୋରିକିନା, ମହାଦେଈ ବ୍ରହ୍ମପୁର ଆଦି ପୂଜା କମିଟିର ସଦସ୍ୟମାନେ ଯୋଗଦେଇଥିଲେ।

## ସ୍ୱଚ୍ଛତା, ଚାରା ରୋପଣ କାର୍ଯ୍ୟକ୍ରମ



ତିର୍ତ୍ତୋଲ, ୧୪।୧୦( ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅଧୀନ ମଣିଜଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ସ୍ୱଚ୍ଛତା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ, ବିଦ୍ୟାଳୟ ଆଲୁମନି ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଏଥିରେ ସକ୍ରିୟ ଭାବେ ସାମିଲ ହୋଇ ସ୍ଥାନୀୟ ସୁଜାଉଦ୍ଦିନ ପାଟଣା ଗ୍ରାମରେ ଜନସାଧାରଣଙ୍କୁ ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଇଥିଲେ। ଏଥିସହ ଗ୍ରାମର ବିଭିନ୍ନ ସ୍ଥାନରେ ଗଦା ହୋଇଥିବା ଅଳିଆ ପରିଷ୍କାର କରିଥିଲେ। ଏହି ଅବସରରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ପରେ ମା'ନାରାୟଣୀଙ୍କ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଔଷଧୀୟ ଓ ଫଳ ଚାରା ରୋପଣ କରାଯାଇଥିଲା। ଏଥିରେ ଆଲୁମନି କମିଟି ସଭାପତି ଫକୀର ଚରଣ ସ୍ୱାଇଁ, ସଦସ୍ୟ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଶଶାଂଶୁ ଶେଖର ସାହୁ, ସାରଦା ପ୍ରସନ୍ନ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ କେତନ ସେଠୀ, ସୁଧାକର ସେଠୀ, ଆଇନଜୀବୀ ଓମ ପ୍ରକାଶ ଦାସ, ଆଶିଷ କୁମାର ପରିଡା, ଶୁଭ୍ରାଂଶୁ ଦାସ, ଅଶୋକ କୁମାର ସାହୁ, ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଆଲୋକ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱାମୀ ଟଙ୍କା ନ ଦେବାରୁ ସ୍ତ୍ରୀ ନିଖୋଜ : ଥାନାରେ ଅଭିଯୋଗ

କୁଜଙ୍ଗ,୧୪।୧୦ (ମନୋଜ ପ୍ରଧାନ)

ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ପାରିବାରିକ କଳହ ପାଇଁ ଜଣେ ମହିଳା ଘରଛାଡି କେଉଁଆଡେ ଚାଲିଯାଇଥିବା ନେଇ ସ୍ୱାମୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ପସନ୍ନଙ୍କ ଅଭିଯୋଗ ଅନୁଯାୟୀ, କିଛି ଦିନ ପୂର୍ବେ ତାଙ୍କୁ ସ୍ତ୍ରୀ ଟଙ୍କା ମାଗିଥିଲେ। ମାତ୍ର ପ୍ରସନ୍ନ ଟଙ୍କା ଦେଇ ନ ଥିଲେ। ଏହାପରେ ସମ୍ପୃକ୍ତ ମହିଳା ଗତ ୫ ଦିନ ହେବ କେଉଁଆଡେ ପଳାଇଯାଇଛନ୍ତି। ଏନେଇ ପ୍ରସନ୍ନ ବନ୍ଧୁ ବାନ୍ଧବଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ସ୍ତ୍ରୀଙ୍କ ପତ୍ତା ମିଳିନାହିଁ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ରାଜ କିଶୋର ବେହେରା କହିଛନ୍ତି।

## ବାଲି ବୋଝେଇ ହାଇୱାକୁ ଆରଆଇଙ୍କ ଜିମା ଦେଲେ ଗ୍ରାମବାସୀ

### ଆମ୍ବୁଲାନ୍ସକୁ ସାଇଡ୍ ନ ଦେବାରୁ ଲୋକେ ଅସନ୍ତୁଷ୍ଟ ଥିଲେ

ରଘୁନାଥପୁର,୧୪।୧୦(ରାଜେନ୍ଦ୍ର ନାରାୟଣ ସିଂହ)



ଗ୍ରାମବାସୀ ଅଟକ ହାଇୱାକୁ ଆରଆଇଙ୍କ ଜିମାରେ ଦେଉଛନ୍ତି।

କିଶନନଗର ତହସିଲ ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତ ତିନିକୋଣିଆ ଛକରେ ଏକ ବାଲିବୋଝେଇ ହାଇୱାକୁ ଗ୍ରାମବାସୀ ଅଟକାଇ ଆରଆଇ(ରାଜସ୍ୱ ନିରୀକ୍ଷକ)ଙ୍କ ଜିମା ଦେଇଛନ୍ତି। ଆରଆଇ ମିହିରରଞ୍ଜନ ଦାସ ଉକ୍ତ ହାଇୱାକୁ କିଶନନଗର ଥାନାକୁ ନେଇଯାଇଛନ୍ତି। ଶୁକ୍ରବାର ରାତିରେ ଏକ ମୃତଦେହକୁ ନେଇ ଆସୁଥିବା ଆମ୍ବୁଲାନ୍ସକୁ ଆଗରେ ଯାଉଥିବା ଏକ ହାଇୱା ପ୍ରାୟ ୨ କିମି ପର୍ଯ୍ୟନ୍ତ ସାଇଡ ଦେଇ ନ ଥିଲା। ଏଥିରେ ସ୍ଥାନୀୟ ଲୋକେ କ୍ଷୁବ୍ଧ ହୋଇଯାଇଥିଲେ। ଏହି ଅସନ୍ତୋଷର ପରିଣାମ ଶନିବାର ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଅନ୍ୟ ଏକ ହାଇୱାକୁ ଅଟକାଇ ଆରଆଇଙ୍କୁ ଖବର ଦେଇଥିଲେ। ଉକ୍ତ ହାଇୱାଟି ବିନା ୱାଇ ଫର୍ମ ଚାଲାଣରେ ପାରାଦୀପ ଅଭିମୁଖେ ଯାଉଥିବା ଆରଆଇ ମିହିରରଞ୍ଜନ ଦାସ ତନଖି ସମୟରେ ଜାଣିପାରିଥିଲେ। ଏହାପରେ ଉକ୍ତ ଗାଡ଼ିକୁ ଥାନାକୁ ନେଇଯାଇଛନ୍ତି। ସୂଚନାଯୋଗ୍ୟ, ଦୈନନ୍ଦିନ ସ୍ଥାନୀୟ କାଳିକାପୁର ବାଲିଘାଟରୁ ଶତାଧିକ ବାଲିବୋଝେଇ ହାଇୱା ଉକ୍ତ ଗ୍ରାମ୍ୟ ରାସ୍ତାରେ ଚଳାଚଳ ହେଉଛି। ଫଳରେ ଛାତ୍ରୀଛାତ୍ର, ରୋଗୀଙ୍କଠାରୁ ଆରମ୍ଭକରି ସାଧାରଣଜନତା ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ଅନେକ ବାଲି ବୋଝେଇ ହାଇୱା ବିନା କାଗଜପତ୍ରରେ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଅଭିଯୋଗ ହୋଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବାଲି ଚୋରା ଚାଲାଣ, ୨ ଅଭିଯୁକ୍ତ ଗିରଫ

ଜଗତ୍‌ସିଂହପୁର, ୧୪।୧୦
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କାଠପୋଲ ନିକଟରୁ ୨ଟି ଟ୍ରକ୍ (ନଂ. ଓଡି ୨୧ଇ ୪୯୯୪, ଓଡି ୫ଟିଏ ୮୬୨୧)ରେ ବାଲି ଚୋରା ଚାଲାଣ ବେଳେ ଧରାପଡ଼ିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗାଁର ସୁଧାଂଶୁ ବେହେରା (୩୮) ଏବଂ ସିହାରପୁର ସେକ ପାଟଣାର ପ୍ରମୋଦ ମଲ୍ଲିକ (୨୮)। ଏନେଇ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଛି।





କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ବ୍ଲକ କଂଗ୍ରେସର ଘରେ ଘରେ ହାତ ସଙ୍କଳ୍ପ ପଦଯାତ୍ରା

କୁଜଙ୍ଗ,୧୪।୧୦ (ମନୋଜ ପ୍ରଧାନ)

ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିଷ୍ପତ୍ତି ଓ ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ(ବାପି)ଙ୍କ ନିର୍ଦ୍ଦେଶ ମତେ ଶନିବାର କୁଜଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ ସଙ୍କଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ଦାସ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଦଳୀୟ କର୍ମୀମାନେ କୁଜଙ୍ଗ ବଜାର ସମେତ ପଞ୍ଚାୟତର ବିଭିନ୍ନ ୱାର୍ଡ ପରିକ୍ରମା କରି ଘରକୁ ଘର ବୁଲିବା ସହ ସାଧାରଣ ଲୋକଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସର ଆବାହକ ଏଏନଡି ଯାଦବ, ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ବିରେନ କୁମାର ଦଳାଇ, ଜିଲା କଂଗ୍ରେସ କମିଟି ଉପସଭାପତି ସର୍ବେଶ୍ୱର ପଣ୍ଡା, ଜିଲା କୃଷକ ମୋର୍ଚ୍ଚା ସଭାପତି ନୂତନ ତ୍ରିପାଠୀ, ବ୍ଲକ ଦଳିତ ସେଲ ସଭାପତି ବିଶ୍ୱନାଥ ମଲ୍ଲିକ, ବ୍ଲକ କଂଗ୍ରେସ ପଛୁଆ ବର୍ଗ ସଭାପତି ଚିତ୍ତରଞ୍ଜନ ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ଜାନକୀ ମହାରଥା, ଜିଲା ଯୁବ କଂଗ୍ରେସ ଉପ ସଭାପତି ପ୍ରଦୀପ୍ତ ବରାଳ ପ୍ରମୁଖ ସାମିଲ ହୋଇଥିଲେ।

## ନିର୍ମାଣର ୨ ମାସରେ ଲୁଣାଘେରି ବନ୍ଧ ରାସ୍ତା ନଷ୍ଟ

କୁଜଙ୍ଗ,୧୪।୧୦(ମନୋଜ ପ୍ରଧାନ)



- ■ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା
- ■ ନିର୍ମାଣ ସମୟରେ ସୂଚନା ଫଳକ ଲଗାଯାଇ ନାହିଁ
- ■ ନିମ୍ନମାନର କାମ ଅଭିଯୋଗ

ଏରସମା ବ୍ଲକ ମାହାଙ୍ଗା ନଦୀ ନିକଟ ବାଲିତୁଠରୁ ଢିଙ୍କିଆକୁ ସଂଯୋଗ କରୁଥିବା ଲୁଣା ଘେରିବନ୍ଧ ରାସ୍ତା ନିର୍ମାଣ ସରିବାର ୨ ମାସ ମଧ୍ୟରେ ନଷ୍ଟ ହୋଇଯାଇଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ନେଇ ଅଭିଯୋଗ ହୋଇଛି। ୩ କିଲୋମିଟର ଲମ୍ବ ଏହି ରାସ୍ତା ଉପରେ ଢିଙ୍କିଆ, ନୂଆଗାଁ ଓ ବାଲିତୁଠ ପଞ୍ଚାୟତର ବହୁ ଲୋକ ନିର୍ଭରଶୀଳ । ରାସ୍ତାଦେଇ ଏରସମା ବ୍ଲକର ଅନେକ ଲୋକ ତୈଳ ବିଶୋଧନାଗାର ସମେତ ପାରାଦୀପ ବନ୍ଦର ଓ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଅଞ୍ଚଳକୁ ଯାତାୟାତ କରନ୍ତି। ବିଶେଷକରି ଢିଙ୍କିଆ ପଞ୍ଚାୟତର ୫ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ବାଟ ଦେଇ ବ୍ଲକ ସଦର ମହକୁମା ଓ ଏରସମା ତହସିଲ ସମେତ କଟକ ଭୁବନେଶ୍ୱରକୁ ଯାଇଥାନ୍ତି। ଏହି ରାସ୍ତା ଜଳସମ୍ପଦ ବିଭାଗର ଲୁଣାଘେରି ବନ୍ଧ ଅଧୀନରେ ରହିଛି । ରାସ୍ତା ମରାମତି ପାଇଁ ୬ମାସ ତଳେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ମରାମତିର ୨ ମାସ ପରେ ପିଚୁ ଓ ମେଟାଲ ଉଠି ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି । ଏହାଛଡ଼ା ନିର୍ମାଣ ସମୟରେ ସୂଚନା ଫଳକ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଲିତୁଠର ଯୁବନେତା ରମେଶ ଚନ୍ଦ୍ର ପରିଡା କହିଛନ୍ତି, ଲୁଣାଘେରି ବନ୍ଧ ରାସ୍ତା କାର୍ଯ୍ୟରେ ଜନସାଧାରଣଙ୍କୁ ଅନ୍ଧକାରରେ ରଖାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିତୁଠ ଲୁଣା ଘେରି ବନ୍ଧ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଅଶ୍ୱିନୀ ସେନାପତିଙ୍କ ଦୃଷ୍ଟି ଆକର୍ଷଣ କରିବାରେ, ଦୁଇମାସ ହେଲା ସେ ଦାୟିତ୍ୱରେ ଅଛନ୍ତି। ସେ ଏଠାରେ ଯୋଗଦେବାର ୪ମାସ ପୂର୍ବରୁ ଏହି କାମ ସରିଯାଇଥିଲା।

## ସଂକ୍ଷେପରେ

### ତ୍ରିନାଥ ସାହୁଙ୍କ ସ୍ମୃତିଚାରଣ ସଭା

ପାରଳାଖେମୁଣ୍ଡି,୧୪।୧୦ (ଗିରିଧାରୀ ପରିଛା): ସ୍ଥାନୀୟ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ପାରଳାର ପୂର୍ବତନ ବିଧାୟକ ତଥା ଜନନାୟକ ସ୍ୱର୍ଗତଃ ତ୍ରିନାଥ ସାହୁଙ୍କ ତ୍ରୟୋଦଶତମ ପୁଣ୍ୟତିଥି ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଅଧକ୍ଷା ଡଃ ରୀନା ସାହୁ ସ୍ୱର୍ଗତ ସାହୁଙ୍କ ଫଟୋରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅଧାପିକା ଡଃ ଭାରତୀ ପାଣିଗ୍ରାହୀ ମଧ୍ୟ ସ୍ୱର୍ଗତ ସାହୁଙ୍କ ଜୀବନୀ ଓ ତାଙ୍କର ସମାଜସେବା ତଥା କଳା, ସାହିତ୍ୟ, ଶିକ୍ଷା ପ୍ରତି ଥିବା ଅନୁରାଗ ଓ ପୃଷ୍ଠପୋଷକତା ସଂପର୍କରେ ବର୍ଣ୍ଣନା କରିଥିଲେ। ତାଙ୍କରି ଉଦ୍ୟମରେ ପାରଳାଖେମୁଣ୍ଡିରେ ମହିଳା ମହାବିଦ୍ୟାଳୟ ତଥା ଗଜପତିଜିଲାର ଅନ୍ୟାନ୍ୟ ସ୍ଥାନଗୁଡିକରେ ଶିକ୍ଷାନୁଷ୍ଠାନଗୁଡିକ କିପରି ଗଢିଉଠିଥିଲା ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହିତ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ସ୍ୱର୍ଗତ ସାହୁଙ୍କର ବିଭିନ୍ନ କ୍ଷେତ୍ରରେ ଥିବା ଅବଦାନଗୁଡିକ ଉପରେ ଆଲୋଚନା କରିଥିଲେ।

### ପାଇଲିପଡ଼ାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ବେଲଗୁଣ୍ଠା,୧୪।୧୦(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବ୍ଲକ୍ ପାଇଲିପଡ଼ାସ୍ଥିତ ଦୁର୍ଗାଦେବୀ ମନ୍ଦିର ପ୍ରାଙ୍ଗଣରେ ସମରଝୋଳସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୦ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାବଲ୍ଲଭ ବେହେରା, ୱାର୍ଡସଭ୍ୟ ଶଙ୍କର ଦାସ, ସୁଦୀପ୍ କୁମାର ବେହେରା, ଦଣ୍ଡପାଣି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ଏବଂ କର୍ମଚାରୀମାନେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

### ସଦର ମହକୁମାକୁ ଗଡୁନି ସରକାରୀ ବସ୍

ଧରାକୋଟ,୧୪।୧୦ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଯାତ୍ରୀ ପରିବହନ ସେବାକୁ ସୁଗମ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଲକ୍ଷ୍ମୀ ଯୋଜନା। ଏହି ଯୋଜନାକୁ ପ୍ରଥମେ ସ୍ୱାଭିମାନ ଓ ଉପାନ୍ତ ଅଞ୍ଚଳରେ ଆରମ୍ଭ କରିବା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କୁ ବେଶ ପ୍ରଶଂସା କରିଛନ୍ତି ଲୋକେ । ପଞ୍ଚାୟତ ସଦର ମହକୁମାରୁ ବ୍ଲକ, ଜିଲ୍ଲା ଓ ରାଜଧାନୀ ଭୁବନେଶ୍ୱରକୁ କମ ଖର୍ଚ୍ଚରେ ସୁବିଧାରେ ଲୋକେ ଯାତାୟାତ କରିବେ। ଏହି ସୁଦୂର ପ୍ରସାରି ଯୋଜନା ଧୀରେ ଧୀରେ ରାଜ୍ୟର ସମସ୍ତ ଜିଲ୍ଲାକୁ ଛୁଇଁବ। ହେଲେ ଧରାକୋଟ ବ୍ଲକ ସଦର ମହକୁମାର ପରିସ୍ଥିତିକୁ ଅନୁଧ୍ୟାନ କଲେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସରକାରୀ ବସ୍ ସେବା କେତେ ବିପର୍ଯ୍ୟସ୍ତ ତାହା ତର୍ଜମାର ବିଷୟ। ବ୍ରହ୍ମପୁରଠାରୁ ବାଲିଗୁଡା, ଭୁବନେଶ୍ୱରଠାରୁ ଆର ଉଦୟଗିରି, ସୋରଡାଠାରୁ ଜୟପୁର, ବ୍ରହ୍ମପୁରଠାରୁ ନୂଆପଡ଼ା ଯାତାୟାତ କରୁଥିବା ଓଡ଼ିଶା ପରିବହନ ନିଗମର ସରକାରୀ ଗାଡ଼ି ଧରାକୋଟ ବ୍ଲକ ସଦରମହକୁମା ଭିତରକୁ ନଆସି ବାଇପାସ ଦେଇ ଚାଲିଯାଉଛନ୍ତି। ସୋରଡ଼ାଠାରୁ ଜୟପୁର ଯାଉଥିବା ବସ୍‌ଟି କିଛି ଦିନ ଧରାକୋଟ ଭିତରେ ଯାତାୟାତ କରିବା ପରେ ବର୍ତ୍ତମାନ ବାଇପାସ୍ ଦେଇ ଚାଲିଯାଉଛି। ସରକାରୀ ବସ ଗୁଡ଼ିକର ଏପରି ମନମାନି ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଜନତାଙ୍କ ସହ ସରକାରୀ କର୍ମଚାରୀମାନେ ମଧ୍ୟ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ଏଣୁ ଜିଲ୍ଲାପାଳ ଏବଂ ପରିବହନ ସଚିବ ଏ ଦିଗରେ ଦୃଷ୍ଟି ଦେଇ ଧରାକୋଟ ଭିତର ଦେଇ ପରମିଟ ଇସ୍ୟୁ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଲୋକ ଅଦାଲତ

ବାଲିଗୁଡା,୧୪।୧୦(ସଞ୍ଜୟ ପାଣିଗ୍ରାହି) ବାଲିଗୁଡା କୋର୍ଟ ପରିସରରେ ତାଲୁକା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅତିରିକ୍ତ ଜିଲା ଦୌରାଜଜ୍ ଦିଲୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ତୃତୀୟ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସିଭିଲ କୋର୍ଟର ବିଚାରପତି ଅପୁର୍ବ କୁମାର ରାଏ, ଏସ୍‌ଡିଜିଏମ୍ ସୋନାଲି ସରିତା ପ୍ରମୁଖ ମକଦ୍ଦମା ଗୁଡିକର ବିଚାରଣା କରିଛନ୍ତି। ଅତିରିକ୍ତ ଜିଲା କୋର୍ଟରେ ୨୦ଟି ମକଦ୍ଦମାର ବିଚାରଣା ହୋଇ ୮ ଲକ୍ଷ ୮୦ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଛି। ସିଭିଲ କୋର୍ଟରେ ଗୋଟିଏ ମାମଲାର ବିଚାରଣା ହୋଇଛି ଏବଂ ଏସ୍‌ଡିଜେଏମ୍ କୋର୍ଟରେ ୬ଟି ମାମଲାର ଦୁଇଟି ପରିବାର ମାମଲାରେ ବିଚାରଣା ହୋଇଛି।

## ସିମନବାଡ଼ି ଅଞ୍ଚଳରେ ଜଙ୍ଗଲୀ ହାତୀ ଗୁଜବ

ଦାରିଙ୍ଗବାଡି,୧୪।୧୦(ଅରୁଣ ସାହୁ)



ଭାଇରାଲ ହେଉଥିବା ହାତୀ ଫଟୋ।

- ଜଙ୍ଗଲ ଓ ପରିବେଶ ବିଭାଗର ଯାଞ୍ଚ
- ହାତୀ ବୁଲିବାର କୌଣସି ଚିହ୍ନ ନାହିଁ: ଏସିଏଫ୍

କନ୍ଧମାଳ ଜିଲା ଦାରିଙ୍ଗବାଡି ବନାଞ୍ଚଳର ସିମନବାଡି ସେକ୍ସନର ୫୯ ନଂ ଜାତୀୟରାଜପଥର ଟୋଲ ଗେଟ ନିକଟରେ ଏକ ଜଙ୍ଗଲି ହାତୀ ବୁଲୁଥିବା ନେଇ ହାତୀର ଫୋଟ ଭାଇରଲ ହୋଇଛି। ଏ ନେଇ ବାଲିଗୁଡା ଏସିଏଫ୍ ସତୀଶ କୁମାର ଧରୁଆଙ୍କ ନେତୃତ୍ୱରେ କର୍ମଚାରୀମାନେ ଜଙ୍ଗଲରେ ହାତୀର ପାଦ ଚିହ୍ନ ଓ ଗଛ ଭାଙ୍ଗିଛି କି ନାହିଁ ତାହା ଖୋଜା ଚାଲିଛି। ତେବେ ଜଙ୍ଗଲୀ ହାତୀର କୌଣସି ସନ୍ଧାନ ନଥିବା ଏସିଏଫ୍ ସତୀଶ ଧାରୁଆ କହିଛନ୍ତି। ହାତୀ ଜଙ୍ଗଲରେ ବୁଲିବା ସମୟରେ ଏକାଧିକ ସ୍ଥାନରେ ଡାଳ ପତ୍ର ଖାଇଥାଏ ଏହା ସହଜରେ ହାତୀ ରହିଥିବା ଜଣାପଡିଥାଏ କିନ୍ତୁ ଯେଉଁ ଅଞ୍ଚଳ ଦେଇ ହାତୀ ଯାଇଥିବା କିଛି ଲୋକ ଗୁଜବ କରୁଛନ୍ତି ତାହା ଏବେ ସୁଦ୍ଧା କୌଣସି ସତ୍ୟତା ଜଣାପଡିନଥିବା ବିଭାଗ ପକ୍ଷରୁ କୁହାଯାଇଛି। ତଥାପି ବିଭାଗ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉଥିବା ଏସିଏଫ୍ କହିଛନ୍ତି। ସେହିପରି ହାତୀ ବୁଲୁଥିବା ଯେଉଁ ବ୍ୟକ୍ତି ଖବର ଦେଇଛନ୍ତି ସେ ଆଉ ଫୋନ ରିସିଭ କରୁନଥିବା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଯୋଗ୍ୟ,୨୦୦୯-୧୦ ମସିହାରେ ଲଖାରି ଜଙ୍ଗଲରୁ ହାତୀପଲ ଗଞ୍ଜାମ ଜିଲା ଗଜାଲବାଡି ଦେଇ କନ୍ଧମାଳ ଜିଲାର ରାଇକିଆ ବ୍ଲକ ହୋଇ ଦାରିଙ୍ଗବାଡି ବ୍ଲକ ସିମନବାଡି ଓ କିରିକୁଟି, ବାଡାବାଙ୍ଗା ପଞ୍ଚାୟତ ଅଞ୍ଚଳରେ ଉପଦ୍ରବ କରିବା ସହ ଏକାଧିକ ଲୋକଙ୍କ ଜୀବନ ଚାଲିଯିବା ସହ ବହୁ ଧନ ସମ୍ପତ୍ତି ନଷ୍ଟ କରିଥିଲେ ତେଣୁ ବନ ବିଭାଗ ଏବେ ହାତୀ ଆସିଛିକି ନାହିଁ ତାହା ସ୍ପଷ୍ଟ ହୋଇନଥିବା ବେଳେ ଏହା ଗୁଜବ କି ବୋଲି ଆଶଙ୍କା କରିଛି।



ଛତ୍ରପୁର ବ୍ଲକ ଏ. ତୋଟାପଲ୍ଲୀ ଗ୍ରାମ ସମ୍ମୁଖ ରାଜପଥ କଡ଼ରେ ଥିବା ଓଡ଼ିଆରପି କଲୋନୀ ଲଟାବୁଦାରେ ପରିପୂର୍ଣ୍ଣ। ସରକାରଙ୍କ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ରହିବା ନିମନ୍ତେ ବାସଗୃହ ଦିଆଯାଇଥିବା ବେଳେ ପ୍ରାୟ ଘର ଭଡାରେ ଚାଲିଛି। (ଫଟୋ- ଦିଲୀପ ସାମଲ)

## ବନ୍ଧୁକ ଜବତ, ଜଣେ ଗିରଫ

ଭଞ୍ଜନଗର,୧୪।୧୦(ବାବୁଲା ପ୍ରଧାନ) ଭଞ୍ଜନଗର ପୋଲିସ ଶନିବାର ଜଣଙ୍କୁ ବେଆଇନ୍ ବନ୍ଧୁକ ରଖିବା ଅଭିଯୋଗରେ କୋର୍ଟ ଚାଲାଣ କରିଛି। ସେ ହେଲେ ଜାମପଲ୍ଲୀର ଏମ ମାରିଆ। ତାଙ୍କ ଠାରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ୨୪ଟି ଚୋରି ମୋବାଇଲ ଜବତ କରିଛି। ଅଭିଯୁକ୍ତ ଜଣଙ୍କ ଏତେ ଗୁଡ଼ିଏ ଚୋରି ମୋବାଇଲ ଫୋନ ପାଖରେ ରଖି ବିକ୍ରି କରୁଥିଲେ। ଏ ନେଇ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ମାରିଆଙ୍କୁ ଗିରଫ କରିଛି। ପୋଲିସ ଏ ନେଇ ନଂ.୯୫୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା,୧୪।୧୦(କାଳିଚରଣ ଦାଶ): ବୁଗୁଡା ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ଲୋକନାଥ ବେହେରା, ବିନୋଦ କୁମାର କର ଓ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଶେଷ ବର୍ଷ ଛାତ୍ରୀ ପୂଜାରାଣୀ ଦାଶ ବିଭାଗର ରୂପରେଖ ଉପସ୍ଥାପନ କରିଥିଲେ। ଶେଷରେ ଛାତ୍ରୀ ମୌସୁମୀ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନବରାତ୍ରି କଳସ ଯାତ୍ରା

ବାଲିଗୁଡା,୧୪।୧୦(ସଞ୍ଜୟ ପାଣିଗ୍ରାହି) ବାଲିଗୁଡାମା ପାଟଖଣ୍ଡଙ୍କ ପୀଠରେ ଦୁର୍ଗାପୁଜା ସମେତ ନବରାତ୍ରିପୁଜା ଅନୁଷ୍ଠିତ ହେଉଛି । ଏଥିପାଇଁ ଶନିବାର କଳସଯାତ୍ରାରେ କରାଯାଇଛି। ମନ୍ଦିରରୁ ସମସ୍ତେ ଏକତ୍ରିତ ହୋଇ କଳସଯାତ୍ରା ନିମନ୍ତେ ଖଡଗନଦୀକୁ ଯାଇଥିଲେ। ନଦୀ ତଟରେ ରିତିନିତି ପ୍ରକାରେ ପୁଜାର୍ଚ୍ଚନା କରି ଶତାଧିକ ମହିଳା ମୁଣ୍ଡରେ କଳସ ଧରି ମନ୍ଦିର ଅଭିମୁଖେ ବାହାରିଥିଲେ।। ଏହି କଳସ ଯାତ୍ରାରେ ବାଲିଗୁଡାର ନୁଆସାହି ଦୁର୍ଗା ମନ୍ଦିର ସମେତ ସମସ୍ତ ମନ୍ଦିରକୁ ଯାଇ ଦେବାଦେବୀଙ୍କୁ ନିମନ୍ତ୍ରିତ କରିଥିଲେ। ଏହାପରେ ପାଟଖଣ୍ଡା ମନ୍ଦିରକୁ ଆସିଥିଲେ । ମା' ପାଟଖଣ୍ଡା ଦୁର୍ଗା ପୁଜା ସମିତିର ସଭାପତି ଲଳିତ ପାତ୍ର, ଉପସଭାପତି ଭୀମସେନ ବିନ୍ଧଣି, ସମ୍ପାଦକ ଶିବରାମ ପ୍ରଧାନି, ସହ ସମ୍ପାଦକ ନେତାଜୀ ଖଣ୍ଡଗିରୀ ଓ ଅର୍ଜୁନ ନାୟକ, କୋଷାଧକ୍ଷ ଅଶୋକ ସାହୁ, ଉପଦେଷ୍ଟା ଲୋକନାଥ ପାଢୀ ଓ ଡ ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଏ ଶ୍ରୀନିବାସ ଦୋରା, ମଦନ ମୋହନ ପାଢୀ, ପବିତ୍ର ପାଢୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରବିବାରଠାରୁ ନବରାତ୍ରୀ ପୁଜା ଆରମ୍ଭ ହେବ।

## ଜୁଆ ଆଡ୍ଡାରୁ ୧୦ ଗିରଫ

ବୁଗୁଡା,୧୪।୧୦(କାଳୀଚରଣ ଦାଶ): ବୁଗୁଡା ସହର ନେଳିଆ ବନ୍ଧ ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ବୁଗୁଡା ପୋଲିସ ଚଢ଼ାଉ କରି ୧୦ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ନଗଦ ୫୬୪୦ ଟଙ୍କା ଓ ତାସ ଜବତ କରିଛି। ଏ ନେଇ କେସ ନଂ ୭୪୦/୨୩ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଶର୍ମିଷ୍ଠା ପ୍ରଧାନ କହିଛନ୍ତି । ନେଳିଆ ବନ୍ଧ ନିକଟରେ ଜୁଆ ଖେଳ ଚାଲିଥିବା ସମୟରେ ଖବର ପାଇ ଏସ୍ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ ଟିମ ଚଢ଼ାଉ କରିଥିଲା।

## ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ବେଲଗୁଣ୍ଠା,୧୪।୧୦(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ଚନ୍ଦ୍ରଯାନ-୩ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହିତ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ରବିନାରାୟଣ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଡ. ସଞ୍ଜୀବ କୁମାର ଦାସ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଗିରିଧର ନାୟକ, ବିଭାଗୀୟ ପ୍ରଦର୍ଶକ ସଞ୍ଜୟ କୁମାର ପଣ୍ଡା, ବିଭାଗୀୟ ବିଜ୍ଞାନଗାର ରକ୍ଷକ ଶ୍ରୀନିବାସ ତ୍ରିପାଠି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସନ୍ଦର୍ଭ ପାଠକ ଏବଂ ଅତିଥି ମାନେ ଚନ୍ଦ୍ରଯାନର ଉତ୍କ୍ଷେପଣ ଓ ଅବତରଣ ପ୍ରକ୍ରିୟା, ଚନ୍ଦ୍ରପୃଷ୍ଠରେ ତାପମାତ୍ରାର ପରିବର୍ତ୍ତନ, ଅମ୍ଳଜାନ, ଉଦଜାନ, ଜଳ, ଖଣିଜ ପଦାର୍ଥର ଉପସ୍ଥିତି, ଭବିଷ୍ୟତରେ ମାନବ ସମାଜ ପାଇଁ ବସତି ସ୍ଥାପନ, ମହାକାଶ ଯାନ ଉତ୍କ୍ଷେପଣ ପାଇଁ ମହକାଶ ଗବେଷଣା କେନ୍ଦ୍ର ସ୍ଥାପନ ଏବଂ ଚନ୍ଦ୍ରପୃଷ୍ଠରେ ଶକ୍ତିର ଉତ୍ସ ସୃଷ୍ଟି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆଲୋଚନା ଚକ୍ରରେ ପ୍ରୀତୀମୟୀ ତ୍ରିପାଠୀ ସନ୍ଦର୍ଭ ପାଠ କରିଥିଲେ। ଛାତ୍ର ତପୁ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଦେଖିଲେ ପଦାଧିକାରୀ



ସ୍କୁଲ ପରିଦର୍ଶନ କରୁଛନ୍ତି ଉଚ୍ଚ ପଦାଧିକାରୀ।

**ଗଞ୍ଜାମ,୧୪।୧୦(ବିଦ୍ୟାଧର ସାହୁ):** ରାଜ୍ୟ ସରକାର ମୋ ସ୍କୁଲ ଅଧକ୍ଷା ସସ୍ମିତା ବାଗଚି ମୋ ସ୍କୁଲ ରୂପାନ୍ତରଣ କାର୍ଯ୍ୟରେ ଗଞ୍ଜାମ ବ୍ଲକ୍‌ର ଜାତି ଜନଜାତି, ଅନୁସୂଚିତ ଜାତିର ସ୍କୁଲକୁ ଯାଇ ପାଠାଗାର, ଅତ୍ୟାଧୁନିକ ବିଜ୍ଞାନ ପାଠାଗାର ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ପାଠ ପଢା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମୋ ସ୍କୁଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ପିଡି ଡିଆର୍‌ଡିଏ ଭି. କିର୍ତ୍ତିଭାସନ୍, ବିଡିଓ ଜସ୍ମିନ୍ନ ପ୍ରଧାନ, ଡିଇଓ ଅମିତା ପଟ୍ଟନାୟକ, ବିଇଓ ଭାଗିରଥି ବେହେରା ଏବଂ ଏସଏସଡି ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ପାଢ଼ୀଙ୍କ ସହ ସ୍କୁଲର ଆଧୁନିକୀକରଣ ବିଷୟରେ ଆଲୋଚନା କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଆବର୍ଜନା ପୃଥକୀକରଣ ସଂଗ୍ରହ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତି।

**ହିଞ୍ଜିଳିକାଟୁ ୧୪।୧୦(ଦ୍ୱିତୀକୃଷ୍ଣ ପଣ୍ଡା):** ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ରକ୍ଷା, ଘରକୁ ଘର ଆବର୍ଜନା ପୃଥକୀକରଣ ସଂଗ୍ରହ ନିମନ୍ତେ ସଚେତନତା ଶନିବାର ୱାର୍ଡ ନଂ ୫ ପାଟଣା ସାହିରେ ଅନୁଷ୍ଠିତ ହୋଇଯାଇଛି। ସବୁଜ ଓ ନୀଳ ରଙ୍ଗର ବାସ୍କେଟରେ ଓଦା ଓ ଶୁଖିଲା ଆବର୍ଜନା ପ୍ରଦାନ ନିମନ୍ତେ ପ୍ରତ୍ୟେକ ଘରକୁ କୁହାଯାଇଛି। ଏହି ପରିପ୍ରେକ୍ଷିରେ ହିଞ୍ଜିଳିକାଟୁ ପୌରପାଳିକା ପରିମଳ ବିଭାଗର କର୍ମଚାରୀ ଓ ସ୍ୱଚ୍ଛ ସାଥିଙ୍କ ଦ୍ୱାରା ଆବର୍ଜନା ପୃଥକୀକରଣ ନିମନ୍ତେ ଡିମୋ ପ୍ରଦର୍ଶନ ହୋଇଥିଲା। ସ୍ୱଚ୍ଛ ସର୍ବେକ୍ଷଣ ନିମନ୍ତେ ଅଞ୍ଚଳକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାକୁ ଶପଥ ପାଠ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ବିଭୁପ୍ରସାଦ ପଣ୍ଡା, ପୂର୍ବତନ ୱାର୍ଡ ସଭ୍ୟ ବିଶ୍ୱମ୍ଭର ସାହୁ, ପୂର୍ବତନ ସଭ୍ୟ ରମେଶ ଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ମହାରଣାଙ୍କ ସହ ସ୍ୱଚ୍ଛ ସାଥୀ, ସାନିଟେସନ ଏକ୍ସପର୍ଟ ସୁପରଭାଇଜର ଓ ପରିମଳ କର୍ମଚାରୀ ସଚେତନତା କାର୍ଯ୍ୟକ୍ରମରେ ଭାଗନେଇଥିଲେ।

## ଗୃହ ନିର୍ମାଣ ସମବାୟ ସମିତି ପରିଚାଳନା ପରିଷଦ ବୈଠକ

ପାରଳାଖେମୁଣ୍ଡି,୧୪।୧୦ (ଗିରିଧାରୀ ପରିଛା):



ବୈଠକରେ ପରିଷଦର ସଦସ୍ୟମାନେ।

ଗଜପତି ଜିଲା ଗୃହ ନିର୍ମାଣ ସମବାୟ ସମିତି ଲିଃର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଅଶୋକ କୁମାର ସଭା ପରିଚାଳନା କରିଥିବା ବେଳେ ଉପସଭାପତି ସନ୍ଧ୍ୟାରାଣୀ ଚୌଧୁରୀ, ବିଜୟ କୁମାର ପ୍ରଧାନ, ମେମ୍ବର ପ୍ରଶାନ୍ତ କୁମାର ପଣ୍ଡା, ସଞ୍ଜୟ କୁମାର ପାଢୀ, ଖଲି ବରାଡ, ନାଗେଶ୍ୱର ଚୌଧୁରୀ, ବିଭୁତି ଭୂଷଣ ହୋତା, ସତ୍ୟନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସବାରେ ସମିତିର ଋଣ ଆଦାୟ ଏବଂ କାର୍ଯ୍ୟାଳୟ ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ଏହା ସହ ଓଡିଶା ଗୃହ ନିର୍ମାଣ ନିଗମକୁ ଓଟିଏସ ବାବଦରେ ଜଣାଯାଇଥିଲା। ବର୍ତ୍ତମାନ ସମିତିର ୨୧ଜଣ ଋଣଦାର ଥିଲେ। ସେଥିମଧ୍ୟରୁ ୯ଜଣ ଋଣ ପୈଠ କରିଥିଲେ। ଅବଶିଷ୍ଟ ୧୨ଜଣ ରହିଥିବା ଜଣାଯାଇଥିଲା। ସେମାନଙ୍କୁ ଓଟିଏସ ଅନୁଯାୟୀ ସୁଯୋଗ ଦେଲେ ଋଣ ପୈଠ କରିବେ ବୋଲି ଆଲୋଚନା ହୋଇଥିଲା। ଏଣୁ ଗୃହ ନିର୍ମାଣ ସମବାୟ ସମିତି ଅନୁଷ୍ଠାନ ତଥା ଓଡିଶା ଗୃହ ନିର୍ମାଣ ନିଗମକୁ ନିବେଦନ କରାଯାଇଛି ଯେ, ୧୨ଜଣ ଋଣ ଗ୍ରହିତା ଅଟନ୍ତି। ସେମାନଙ୍କୁ ଓଟିଏସ ଅନୁଯାୟୀ ସୁଯୋଗ ଦେଲେ ସମିତି ସେମାନଙ୍କ ଠାରୁ ଋଣ ଆଦାୟ କରିବାରେ ସମର୍ଥ ହେବ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ସମିତିର ସମ୍ପାଦକ ରମେଶ ଚନ୍ଦ୍ର ମହାରଣା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ

ଫୁଲବାଣୀ, ୧୪।୧୦ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସାରଙ୍ଗଗଡଠାରେ ଜିଲା ଶ୍ରମ ବିଭାଗ ପକ୍ଷରୁ ବାଲିଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ବ୍ଲକ ଓ ବାଲିଗୁଡା ବିଜ୍ଞପିତ ଅଞ୍ଚଳର ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୬୯ ଜଣ ନିର୍ମାଣ ଶ୍ରମିକ ଏବଂ ଅଣସଂଗଠିତ ଶ୍ରମିକଙ୍କୁ ୧,୦୭,୧୦,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ୧୨୩ ଜଣ ହିତାଧିକାରୀଙ୍କୁ ନିଜ ପିଲାଙ୍କ ଶିକ୍ଷା ସହାୟତା ବାବଦକୁ ୭,୨୦,୦୦୦ ଟଙ୍କା, ୬୧ ଜଣ ହିତାଧିକାରୀଙ୍କୁ ବିବାହ ସହାୟତା ବାବଦକୁ ୩୦,୫୦,୦୦୦ ଟଙ୍କା, ୨୩ ଜଣ ହିତାଧିକାରୀଙ୍କୁ ପ୍ରସୂତି କାଳୀନ ସହାୟତା ବାବଦକୁ ୨,୩୦,୦୦୦ ଟଙ୍କା, ୨୮ ଜଣ ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କ ପରିବାର ବର୍ଗଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୫୪,୦୦୦ ୦୦ ଟଙ୍କା ଏବଂ ୨୨ ଜଣ ପରିବାରକୁ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦକୁ ୧,୧୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବା ସହିତ ୧୨ ଜଣ ଅଣସଂଗଠିତ ଶ୍ରମିକ କାର୍ଡ ଧାରୀଙ୍କ ପରିବାର ବର୍ଗଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୧୨,୦୦,୦୦୦ ଟଙ୍କା ପ୍ରଦାନ କରାଯାଇଛି । ଏଥିସହିତ ୧୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ନୂତନ କାର୍ଡ ପ୍ରଦାନ କରାଯିବା ସହିତ ୫୦ ଜଣ ଅଣସଂଗଠିତ ଶ୍ରମିକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଛି । ଜିଲା ଶ୍ରମଧିକାରୀ ତେଜ କୁମାର ବାଗେଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ସମ୍ମାନିତ ଅତିଥ ଭାବେ ଏମ୍‌ପିଙ୍କ ପ୍ରତିନିଧି ସହଦେବ ପାତ୍ର, କ. ନୂଆଗାଁ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ । ସହକାରୀ ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଗ୍ୟକୁ ଆଦରି ଜୀବନ ବିତାଉଛନ୍ତି ଅଲିନ

ପାରଳାଖେମୁଣ୍ଡି,୧୪।୧୦ (ଗିରିଧାରୀ ପରିଛା):

**ସରକାରୀ ସହାୟତା ସାତସପନ**



ରାଜ୍ୟ ସରକାର ଗରିବ ଅସହାୟମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ପ୍ରଶାସନର ଆନ୍ତରିକତା ଅଭାବ ହେତୁ କେତେକ ଗରିବ ଲୋକେ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏମିତି ଜଣେ ଅସହାୟ ବ୍ୟକ୍ତି ହେଉଛନ୍ତି ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ କେ.ଝାଲରସିଂ ଗ୍ରାମର ଖ୍ରୀଷ୍ଟିଆନ ସାହିର ଅଲିନ ସିଂ। ବୟସ ପାଖାପାଖି ୫୦ ହେବ। ଘରେ ଏକୁଟିଆ ଅସହାୟ ଭାବେ ଜୀବନ ବିତାଉଛନ୍ତି। ସାହି ପଡୋଶୀ ତାଙ୍କର ମନଜାଣି ମୁଠେ ଖାଇବାକୁ ଦେଲେ ଖାଆନ୍ତି, ନ ହେଲେ ନାହିଁ। ସବୁଠାରୁ ବଡ଼ କଥା ହେଲା ସେ ଏକ ଅଜଣା ରୋଗରେ ପୀଡ଼ିତ ହୋଇଛନ୍ତି। କେତେବେଳେ ଯେ କେଉଁଠାରେ ତଳେ କଚାଡ଼ି ହୋଇ ପଡ଼ିଯାଆନ୍ତି ସେ ନିଜେ ବି ଜାଣନ୍ତି ନାହିଁ। ଅନେକ ସମୟ ପରେ ଚେତା ଫେରିପାଆନ୍ତି। ଏହିଭଳି ଅବସ୍ଥାରେ ମଜୁରୀ କରି ଗୁଜୁରାଣ ମେଣ୍ଟାଇବାକୁ ଇଚ୍ଛାଥିଲେ ସ୍ୱାସ୍ଥ୍ୟ ଅବସ୍ଥା ପାଇଁ କରିପାରୁନାହାନ୍ତି। ତେଣୁ ବେସାହାରା ଅବସ୍ଥାରେ ଘରେ ଏକା ରୁହନ୍ତି। ବେଳେ ବେଳେ ମନ ଫୁର୍ତ୍ତି ପାଇଁ ବାହରକୁ ବୁଲିବାକୁ ଗଲେ ମୁହଁ ବୁଲେଇ ପଡିଯାଆନ୍ତି। ଯାହା କୁହନ୍ତି କିଛି ସମୟ ପରେ ଭୁଲି ଯାଆନ୍ତି। ତାଙ୍କର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଏନେଇ ପ୍ରଶାସନକୁ ଅନେକ ଥର ଅବଗତ କରିଥିଲେ ହେଲେ କିଛି ସୁଫଳ ମିଳିନ ଥିବା କହିଛନ୍ତି ଲୋକେ।

ସୂଚନା ପ୍ରକାରେ ଅଲିନଙ୍କ ବାପା ଥିଲେ ଶିକ୍ଷକ। ବାପା, ମା' ଆଗପଛ ହୋଇ ଆରପାରିକୁ ଚାଲିଗଲେ। ସାନ ବଡ଼ ହୋଇ ୫ ଭାଇ। ଭାଇମାନଙ୍କ ମଧ୍ୟରୁ ଅଲିନ ସାନ। ସବୁ ଭାଇ ନିଜ ପରିବାରକୁ ନେଇ ଦୂର ଦୂରାନ୍ତରେ ବାହାରେ ରହୁଛନ୍ତି। ତେଣୁ ସାହିପଡ଼ିଶା ତାଙ୍କର ସାହାରା। ତାଙ୍କ ସହାୟତାରେ ନିଜ ଜୀବନ ବିତାଉଛନ୍ତି। ବାପା ଥିଲା ବେଳେ ଯେଉଁ ଟିଣ ଘରଟି କରିଥିଲେ ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଅର୍ଥାଭାବ ଯୋଗୁଁ ମରାମତି କରିନପାରି ସେହି ଭଙ୍ଗା ଦଦରା ଘରେ ନିଜ ଭାଗ୍ୟକୁ ଆଦରି ରହୁଛନ୍ତି। ଅଲିନଙ୍କୁ ଦେଖିଲେ ସରକାରଙ୍କ ଗରିବୀ ଦୂରୀକରଣ ଯୋଜନା ଯେପରି ସଂପୂର୍ଣ୍ଣ ମାରିଛି ଭାବିବାକୁ ହେବ। ତାଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଛି। ଅନିଲଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ଠାରେ ନିବେଦନ କରିଛନ୍ତି ସାହି ପଡୋଶୀ ଲୋକେ। ତାଙ୍କ ବିଷୟ ନେଇ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷମାନଙ୍କୁ ଅବଗତ କରାଇଥିଲେ କିଛି ପଡୋଶୀ। ହେଲେ ଆଜିପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ପାଇ ନାହାନ୍ତି ଅଲିନ। ଏବିଷୟ ନେଇ ସ୍ଥାନୀୟ ସରପଞ୍ଚ ସରିତା ମଣ୍ଡଳଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରିଙ୍କୁ ତାଙ୍କ ବିଷୟରେ ଜଣାଇଛି। ପୁଣି ପୁନର୍ବାର ଅବଗତ କରାଇ ଯେତେ ଶୀଘ୍ର ସମ୍ଭବ ହେବ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଧାନ ଫସଲ ନଷ୍ଟ ବିଷପିଇ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ଧର୍ମଶାଳା,୧୪।୧୦(ବଟକୃଷ୍ଣ ପରିଡ଼ା): ଧାନ ଫସଲ ନଷ୍ଟ ହେବା ଯୋଗୁ ଜଣେ ଚାଷୀ ଶନିବାର ପୂର୍ବାହ୍ନରେ ବିଲରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଧର୍ମଶାଳା ଡାକ୍ତରଖାନା ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଚାଷୀ ହେଲେ ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବାଜବାଟି ଗ୍ରାମର ନିତ୍ୟାନନ୍ଦ ପରିଡ଼ା(୫୦)। ସେ ବାଜବାଟି ମୌଜାରେ ଥିବା ତାଙ୍କର ୩ ଏକର ଜମିରେ ଋଣ କରି ଧାନଚାଷ କରିଥିଲେ। ତେବେ ଧାନ ଜମି କଡ଼ରେ କଳାପଥର ଖାଦାନ ଥିବା ଯୋଗୁ ଜମିରେ ପାଣି ନ ରହି ଖାଦାନକୁ ବୋହିଯାଉଛି। ଫଳରେ ଚାଷ ଜମି ଶୁଷ୍କ ହୋଇ ଧାନ ଫସଲ ପ୍ରଭାବିତ ହୋଇଛି। ନିତ୍ୟାନନ୍ଦ ଧାନ ଜମିରେ କୀଟନାଶକ ପକାଇବା ପାଇଁ ଯାଇଥିବା ବେଳେ ପାଣି ନ ଥିବାରୁ ଧାନ ଫସଲ ନଷ୍ଟ ହୋଇଥିବା ଦେଖି ସେ ବିଷ ପିଇଦେଇ ସେଠାରେ ଟଳିପଡ଼ିଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା,୧୪।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମର ଜଣେ ବୃଦ୍ଧଙ୍କ ନିକଟସ୍ଥ ଏକ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ନନ୍ଦକିଶୋର ସ୍ୱାଇଁ (୭୫)। ଶନିବାର ଅପରାହ୍ନ ୩ଟାରେ ସେ ପୋଖରୀକୁ ଶୌଚହେବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୨୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଟ୍ରକ୍‌ରୁ ଟଙ୍କା, ମୋବାଇଲ ଲୁଟ୍: ଜଣେ ଗିରଫ

ଧର୍ମଶାଳା,୧୪।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଶ୍ରୀରାମପୁର ଟୋଲଗେଟ ନିକଟରେ ଏକ ଟ୍ରକ୍‌ରୁ ମୋବାଇଲ ଫୋନ ଓ ଟଙ୍କା ଲୁଟ୍ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଡ଼ଚଣା ଥାନା ସୁଙ୍ଗୁଡ଼ା ଗ୍ରାମରେ ରହୁଥିବା ରବି କୁମାର ଗର୍ଗ (୩୬)। ଗତ ୧୨ ତାରିଖରେ ଧର୍ମଶାଳା ଥାନା ଅରାବଳ ଗ୍ରାମର ଟ୍ରକ ଡ୍ରାଇଭର ନରେନ୍ଦ୍ର ପାଳ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଶ୍ରୀରାମପୁର ଟୋଲଗେଟ ନିକଟରେ ଟ୍ରକ୍ ରଖି ନିକଟସ୍ଥ ଏକ ନୟନଜୋରୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ୨ ଦୁର୍ବୃତ୍ତ ଆସି ଟ୍ରକ୍‌ର କାଚ ଭାଙ୍ଗି ଏକ ମୋବାଇଲ ଫୋନ ଓ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ନରେନ୍ଦ୍ର ଆସି ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୬୩୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ୩ ଚୋରି ଟ୍ରାନ୍ସଫର୍ମର ଜବତ

ପାଟଣା,୧୪।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳରୁ ପୋଲିସ ୩ ଚୋରି ଟ୍ରାନ୍ସଫର୍ମର ଜବତ କରିଛି। ତୁରୁମୁଙ୍ଗା ଥାନା କେନ୍ଦେଇପଶି ପଞ୍ଚାୟତ ଅଁଳାଡ଼ିଆ ଗ୍ରାମ ଜଙ୍ଗଲ ରାସ୍ତାରେ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ୧୬ କିଲୋ ୱାଟ ଟ୍ରାନ୍ସଫର୍ମର କଏଲ କାଢୁଥିଲେ। କେନ୍ଦେଇପଶିରୁ ଅପେରା ଦେଖି ଫେରୁଥିବା ଲୋକଙ୍କ ହାବୁଡ଼ରେ ପଡ଼ିଯିବାରୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ତୁରୁମୁଙ୍ଗା ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଜନ୍ମଜୟ ବେହେରାଙ୍କୁ ପଚାରିବାରୁ ଟ୍ରାନ୍ସଫର୍ମରଟି ଆମ ସବଡିଭିଜନର କେଉଁଠାରୁ ଚୋରି ହୋଇଥିବାର ଖବର ହସ୍ତଗତ ହୋଇନାହିଁ। ସିରିଏଲ ନମ୍ବର ଅନୁଯାୟୀ ତଦନ୍ତ ଆରମ୍ଭ ହୋଇଛି। ଅନୁରୂପ ସାହାରପଡ଼ା ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ସିଲିପଦା ନିକଟ ଦଳେଇପଶି କାଜୁ ଜଙ୍ଗଲରୁ ଏକ ୧୬ ଓ ଏକ ୧୦ କିଲୋୱାଟର ଟ୍ରାନ୍ସଫର୍ମରର ବଡ଼ି ପଡ଼ିଥିବା ଦେଖି ବିଦ୍ୟୁତ ଯନ୍ତ୍ରୀ ଆଶୁତୋଷ ସାହୁ ସାହାରପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

# ମଲ୍ଲିପୁର-କମାରଡ଼ିହୀ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସଙ୍କୁଚିତ

- ରାସ୍ତାକୁ ମାଡ଼ିଗଲାଣି ବେଣାବୁଦା, କଣ୍ଟା ଗଛ
- ଦିନରେ ଯାତାୟାତ କରିବାକୁ ଭୟ କରୁଛନ୍ତି ଲୋକେ
- ତୁରନ୍ତ ମରାମତି ପାଇଁ ଜିଲାପାଳଙ୍କ ନିକଟରେ ଦାବି



ମଲ୍ଲିପୁର-କମାରଡ଼ିହି ଭାୟା ଯୋଗୀମଠ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ବେଣାବୁଦା, କଣ୍ଟା ଗଛ ମାଡ଼ିଯାଇଛି।

ପ୍ରୀତିପୁର,୧୪।୧୦(ସୁଶାନ୍ତ ବେହୁରିଆ): ବିଞ୍ଝାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡର ମଙ୍ଗଳପୁର ସେକ୍ସନ ଅଧୀନ ମଲ୍ଲିପୁର-କମାରଡ଼ିହୀ ଭାୟା ଯୋଗୀମଠ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସଙ୍କୁଚିତ ହୋଇପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ରାସ୍ତାକୁ ଘାସ, ବେଣା ବୁଦା ଓ କଣ୍ଟା ଜାତୀୟ ଗଛ ମାଡ଼ି ଆସିଛି। ଏହି ରାସ୍ତା ଉପରେ କେଳାଙ୍ଗ, ଇଟାପଡ଼ା, ଯୋଗୀମଠ, ସହିମାଡ଼ ଏବଂ କମାରଡ଼ିହି ଗ୍ରାମର ହଜାରହଜାର ଜନସାଧାରଣ ନିର୍ଭରଶୀଳ। ହେଲେ ରାସ୍ତା ମଝିରେ ଫାଟ ଓ ଘାସ ବୁଦା ଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଏହା ବିପଦର କାରଣ ମଧ୍ୟ ପାଲଟିଛି। ଏହି ବୁଦାମୂଳରେ ସାପ ଓ ଶିଆଳ ବସବାସ କରୁଥିବାରୁ ଦିନ ସମୟରେ ମଧ୍ୟ ଜନସାଧାରଣ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଛନ୍ତି। ରାସ୍ତାର ଅଧିକାଂଶ ସ୍ଥାନରେ ଗୋଡ଼ି ଓ ପିଚୁ ଉଠିଯାଇଛି। ବହୁ ସ୍ଥାନରେ ରାସ୍ତା ଦିଫାଳ ହୋଇଯାଇଛି। ୫ କି.ମି. ୫୦୦ ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତା ନିର୍ମାଣର ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ବିଭାଗ ପକ୍ଷରୁ ଆଦୌ ଘାସ ଚଞ୍ଛା, ପାଣି ନାଳ କଟା କିମ୍ବା ମରାମତି କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବିଭାଗ ପକ୍ଷରୁ ତୁରନ୍ତ ଏହି ରାସ୍ତାକୁ ୨ ଫୁଟ ଉଚ୍ଚ କରାଯିବା ସହିତ ଆବଶ୍ୟକ କଲଭର୍ଟ ନିର୍ମାଣ କରିବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଏସବୁ ହେଲେ ଜଳ ନିଷ୍କାସନ ହେବା ସହିତ ବନ୍ୟା ସମୟରେ ମଧ୍ୟ ଜନସାଧାରଣ ରାସ୍ତାରେ ଯାତାୟାତ କରିପାରିବେ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶେଷ ସୁତାର, ନିରାକାର ମଲ୍ଲିକ, ପ୍ରମୋଦ ବିଶ୍ୱାଳ, ବିକାଶ ପୃଷ୍ଟି, ପ୍ରଶାନ୍ତ ପଣ୍ଡା ଓ ପ୍ରତାପ କୁମାର ପଣ୍ଡା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସମାପ୍ତ କରାଯାଇ ରାସ୍ତା ମରାମତି କରାଯିବ।

# ମରାମତି ହେଲା ରାସ୍ତା

## ସିଭିଲ ସୋସାଇଟିକୁ ଦେଇଥିବା ପ୍ରତିଶ୍ରୁତି ରଖିଲା ପୂର୍ତ୍ତ ବିଭାଗ

ଯାଜପୁରରୋଡ,୧୪।୧୦ (ପବିତ୍ର ରଞ୍ଜନ ମହାନ୍ତି): ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଯାଜପୁରରୋଡ୍ ସହରର ଚୋରଦା ଛକଠାରୁ ଚୋରଦା ବାଇପାସ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ମରାମତି କରାଯାଇଛି। ରାସ୍ତା ବିପର୍ଯ୍ୟସ୍ତ ଯୋଗୁ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା। ଆଗକୁ ସହରରେ ଦୁର୍ଗାପୂଜା ଓ କାଳୀପୂଜା ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ରାସ୍ତା ମରାମତି ହୋଇଥିବାରୁ ଯାତାୟାତରେ ଲୋକେ ଆଶ୍ୱସ୍ତ ହେବା ସହ ସହରର ଟ୍ରାଫିକ ସମସ୍ୟାରେ ସୁଧାର ଆସିବ ବୋଲି ମତ ପ୍ରକାଶ ପାଇଛି।

ଏହି ରାସ୍ତା ସମସ୍ୟା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଯାଜପୁରରୋଡ୍ ସିଭିଲ ସୋସାଇଟି ପକ୍ଷରୁ ଗତ ୫ ତାରିଖରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶୀଘ୍ର ରାସ୍ତା କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ନ ମିଳିଲେ ଗତ ୮ ତାରିଖରେ ରାସ୍ତାରୋକୋ ଆନ୍ଦୋଳନ ପାଇଁ ସୋସାଇଟି ପକ୍ଷରୁ ଚେତାବନୀ ମଧ୍ୟ ଦିଆଯାଇଥିଲା। ଫଳରେ ଗତ ୭ ତାରିଖରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଉକ୍ତ ରାସ୍ତାର କାର୍ଯ୍ୟାଦେଶ ପାଇଥିବା ଠିକାଦାର ଏବଂ ସିଭିଲ ସୋସାଇଟି କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ସୋସାଇଟି ପକ୍ଷରୁ ଥିବା ଦାବି ଉପରେ ବିସ୍ତୃତ ଆଲୋଚନା ପରେ ରାସ୍ତା ମରାମତି ପାଇଁ ବିଭାଗର ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି ପୂର୍ତ୍ତ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।



ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ମରାମତି କରାଯାଉଛି।

# ସାଇବର ସୁରକ୍ଷା ସଚେତନତା




ବ୍ୟାସନଗର ମହାବିଦ୍ୟାଳୟରେ ସଚେତନତା ରଥକୁ ସ୍ୱାଗତ ପାଇଁ ଅପେକ୍ଷା କରିଥିବା ପୋଲିସ ଅଧିକାରୀ, କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର।

ଯାଜପୁରରୋଡ୍,୧୪।୧୦ (ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ରୋଡ୍ ପୋଲିସ ପକ୍ଷରୁ ଗୋପବନ୍ଧୁ ଛକ ଓ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ରଥ ଆସି ଗୋପବନ୍ଧୁ ଛକଠାର ପହଞ୍ଚିଥିଲା। ପୋଲିସ କର୍ମଚାରୀମାନେ ରଥକୁ ସ୍ୱାଗତ କରିବା ପରେ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇବର ସୁରକ୍ଷା ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ରଥ ସହର ପରିକ୍ରମା କରି ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିଥିଲା। ସେଠାରେ ରଥକୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି, କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଅଧ୍ୟାପିକା ଡ. ପୁନ ଦାସ ଓ ରମେଶ ଚନ୍ଦ୍ର ବେହେରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ମହାବିଦ୍ୟାଳୟ ସଭାଗୃହରେ ଏକ ସାଇବର ସୁରକ୍ଷା ସଚେତନତା ସଭା ଅଧ୍ୟକ୍ଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଯାଜପୁର ରୋଡ ଥାନାଧିକାରୀ ପ୍ରଧାନ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ସାଇବର ସୁରକ୍ଷା ସମ୍ପର୍କରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏସ୍‌ଆଇ ପ୍ରିୟରଞ୍ଜନ ସେଠୀ ଏବଂ ଏସ୍‌ଆଇ ଜ୍ୟୋତିରଞ୍ଜନ ମହାପାତ୍ର ପିଲାଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଗୌରାଙ୍ଗ ଚରଣ ମଲ୍ଲିକ, ଅମୂଲ୍ୟ କୃଷ୍ଣ ପାଢ଼ୀ, ମହମ୍ମଦ ଟିକା ଖାଁ, ଅଜୟ ମହାକୁଡ଼, ରାଜକିଶୋର ପହି, ପ୍ରଭାତ କୁମାର ସ୍ୱାଇଁ, ଡ. ଚିରସ୍ମିତା ମିଶ୍ର, ଅନିନ୍ଦିତା ସାହାଣୀ, ଡ. ପ୍ରତିଭା ପରିଡ଼ା, ରଶ୍ମିତା ସାହୁ, ଛବିଳା ସାହୁ, ଅଧ୍ୟାପକ ଦିଲୀପ କୁମାର ରାଉତ, ବିବେକା ନନ୍ଦ ଜେନା, ଶଶିକାନ୍ତ ଲେଙ୍କା ଓ ସନାତନ ଦାସ ପ୍ରମୁଖଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ ଏନ୍‌ସିସି କ୍ୟାଡେଟ ଉପସ୍ଥିତ ଥିଲେ। ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଧନ୍ୟବାଦ ଦେଇଥିଲେ।

# ୨ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

## ଜିଲାସ୍ତରୀୟ ଲୋକ ଅଦାଲତ

କେନ୍ଦୁଝର,୧୪।୧୦(ଦୀପକ ମିଶ୍ର): କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ଜିଲା କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ, ବଡ଼ବିଲ ଓ ହାଟଡ଼ିହୀ ଅଦାଲତରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ଓ ଦୌରାଜଜ୍ ଅଶୋକ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ୍ ମମିତା ଦାସ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରଞ୍ଜୁଲତା ଲେଙ୍କା, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଶିବାନୀ ମହାପାତ୍ର, ଅମ୍ବିକେଶ ପାଣିଗ୍ରାହୀ, ଆଦ୍ୟାଶା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ୨୯ ମୋଟରଯାନ ଦୁର୍ଘଟଣା ମାମଲାର ବିଚାର କରାଯାଇ ୨ କୋଟି ୫ ଲକ୍ଷ ୮୬ ହଜାର ୬୨୪ ଟଙ୍କା ଦେବା ପାଇଁ ବୀମା କମ୍ପାନୀକୁ ନିର୍ଦ୍ଦେଶ ହୋଇଥିଲା। ୨ଟି ପାରିବାରିକ ମାମଲା, ୬୧୭୭ ରାଜସ୍ୱ ମାମଲା ବିଚାର କରାଯାଇ ୨୯ ଲକ୍ଷ ୨୭ ହଜାର ୬୩୦ ଟଙ୍କା ଆଦାୟ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ମାମି ବେହେରା ପରିଚାଳନା କରିଥିଲେ।

# ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ଜଣେ ଗିରଫ

ବ୍ରହ୍ମବରଦା,୧୪।୧୦ (ଯଯାତି କେଶରୀ ବେହେରା): ବ୍ରହ୍ମବରଦା ଥାନା ରାଏପଡ଼ା ପଞ୍ଚାୟତ ନାଳକୂଳ ଗ୍ରାମର ସର୍ବେଶ୍ୱର ନାୟକ ଓ ତାଙ୍କ ସାଙ୍ଗ ବାଙ୍କସାହି ଗ୍ରାମର ପ୍ରୀତିଶ ଲେଙ୍କାଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବ୍ରହ୍ମବରଦା ଅଞ୍ଚଳର କାଳନ୍ଦୀ ଜେନା। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଉଭୟେ ବ୍ରହ୍ମବରଦାଠାରେ ଥିବା କମ୍ପ୍ୟୁଟର ଦୋକାନ ବନ୍ଦ କରି ଗତ ୧୧ ତାରିଖ ରାତି ପ୍ରାୟ ୯ଟାରେ ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ରହ୍ମବରଦା ଇଚ୍ଛାମା ପଡ଼ିହାଠାରେ ଜଗି ରହିଥିବା ବ୍ରହ୍ମବରଦା ଅଞ୍ଚଳର ପପୁନି ରାଉତ, ସିଟୁ ରାଉତ, ବିଶ୍ୱଜିତ ଦାସ, ଟିଣ୍ଟୁ ରାଉତ, କାଳନ୍ଦୀ ଜେନା, ହାପି ଜେନା ଏବଂ କୁଶବଟ ଗ୍ରାମର ସଞ୍ଜିବ ପ୍ରଧାନଙ୍କ ସହ ଚାନ୍ଦପୁର ଗ୍ରାମର ସୁନା ଦାସ ଏବଂ ସହ ଅନ୍ୟ ପାଞ୍ଚ ଜଣ ସଙ୍ଘବଦ୍ଧ ହୋଇ ସର୍ବେଶ୍ୱରଙ୍କୁ ଲୁହା ରଡ୍, କାଠ ବେଣ୍ଟ, ଭୁଜାଲିରେ ଆକ୍ରମଣ କରିଥିଲେ। ବାଇକ୍ ଚଳାଉଥିବା ପ୍ରୀତିଶଙ୍କୁ କାଠ ବେଣ୍ଟରେ ଆକ୍ରମଣ କରିବା ଫଳରେ ଦୁହେଁ ବାଇକରୁ ପଡ଼ିଯାଇଥିଲେ। ସେମାନେ ଉଭୟଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରିଦେଇଥିଲେ। ଫଳରେ ଉଭୟ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ଆକ୍ରମଣକାରୀ ସର୍ବେଶ୍ୱରଙ୍କଠାରୁ ଏକ ନୂଆ ଲ୍ୟାପଟପ, ୨ ମୋବାଇଲ ଫୋନ, ଗୋଟିଏ ଲେଖାଏ ସୁନାଚେନ, ସୁନା ମୁଦି ଓ ଚାନ୍ଦୀ ବ୍ରେସଲେଟ ସହ ସର୍ବେଶ୍ୱରଙ୍କ ପକେଟରେ ଥିବା ନଗଦ ୬୦ହଜାର ଟଙ୍କା ଛଡ଼ାଇ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ସେହି ରାସ୍ତା ଦେଇ ଯାଉଥିବା କେତେଜଣ ସ୍ଥାନୀୟ ଲୋକେ ଏହାଦେଖି ବ୍ରହ୍ମବରଦା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ୧୨ ତାରିଖରେ ସର୍ବେଶ୍ୱରଙ୍କ ସମ୍ପର୍କୀୟ ରାଘବ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୨୮/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଇନରହୁଇଲ କ୍ଲବ୍‌ର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅତିଥି ଓ ଅନ୍ୟମାନେ।

ଯାଜପୁର ଟାଉନ,୧୪।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ରୋଟାରି ଇଣ୍ଟର ନ୍ୟାଶନାଲର ପ୍ରମୁଖ ମହିଳା ସଂଗଠନ ଇନରହୁଇଲ କ୍ଲବ ସେବା, ସହଯୋଗ, ସହାୟତା, ତ୍ୟାଗ ଓ ବନ୍ଧୁତା ଉପରେ ଗୁରୁତ୍ୱ ଦେଇଥାଏ। ଶନିବାର ଯାଜପୁର ଇନରହୁଇଲ କ୍ଲବର ଚେୟାରମେନ ଭିଜିଟ କାର୍ଯ୍ୟକ୍ରମ ଏବଂ 'ଆଲୋକର ଉଜ୍ଜ୍ୱଳ' ଥିମ ଉପରେ ପର୍ଯ୍ୟବେସିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ରସିକା ବାହାଦୁର ଏକଥା କହିଛନ୍ତି। କ୍ଲବ କୋଷାଧ୍ୟକ୍ଷ ସ୍ୱୟଂପ୍ରଭା ପଣ୍ଡା ସଭା ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ଚାର୍ଟାର୍ଡ ପ୍ରେସିଡେଣ୍ଟ ଗୌରପ୍ରିୟା ଦେବୀ ବକ୍ତବ୍ୟ ରଖିଥିବାବେଳେ ସମ୍ପାଦିକା ସତ୍ୟଭାମା ପତି ବିବରଣୀ ପାଠ କରିଥିଲେ। କ୍ଲବର ମୁଖପତ୍ର ବସୁନ୍ଧରାର ସମ୍ପାଦକ ଝରଣା ପଣ୍ଡା ତାଙ୍କ ବକ୍ତବ୍ୟରେ କ୍ଲବର ସଦସ୍ୟାମାନେ କ୍ରମାଗତ ଭାବେ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରି ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିପାରିଛନ୍ତି ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଦୃଷ୍ଟିବାଧିତ ମେଧାବୀ ଛାତ୍ର ପି.ମଲ୍ଲିକଙ୍କୁ ଅଧିକ ଶିକ୍ଷାଲାଭ ପାଇଁ କ୍ଲବ୍ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୂତନ ସଭ୍ୟା ଭାବେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଶାନ୍ତିପ୍ରିୟା ମୁର୍ମୁଙ୍କୁ ଗ୍ରହଣ କରାଯାଇଥିଲା। ଦିବ୍ୟାଙ୍ଗ ବିଦ୍ୟାଳୟର ସରୋଜ ମଲ୍ଲିକ, ବୈକୁଣ୍ଠ ଦଳାଇ, ରାମଚନ୍ଦ୍ର ମୁଣ୍ଡା, ଲକ୍ଷ୍ମୀ ପାତ୍ର ଓ ବେଙ୍ଗୁଲି ସିଦ୍ଧୁଙ୍କୁ ପୋଷାକ ଉପହାର ଦିଆଯାଇଥିଲା। ବରିଷ୍ଠ ସଭ୍ୟା ଆଶାଲତା ପତି, ଅନ୍ନପୂର୍ଣ୍ଣା ଶତପଥୀ, ସୁରୁଚି ପାଣି, ମନୋରମା ବିଶ୍ୱାଳ, ତୁଷାରକାନ୍ତି ନାୟକ, ସ୍ୱର୍ଣ୍ଣଲତା ଷଡ଼ଙ୍ଗୀ, ପ୍ରତିମା ସାହୁ, ଯାଜ୍ଞସେନୀ ମହାନ୍ତି, ଭାଗ୍ୟଲକ୍ଷ୍ମୀ ସ୍ୱାଇଁ, ସ୍ମିତା ପଟ୍ଟନାୟକ, ତୃପ୍ତୀ ଜେନା, ପ୍ରୀତିମୟୀ ନାୟକ, କଳ୍ପନା ବେହେରା, ଟିଙ୍କିମିକି ହୀରା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାନସୀରାଣୀ ଓଝା ଧନ୍ୟବାଦ ଦେଇଥିଲେ।

# ଜଳୁନି ଷ୍ଟ୍ରିଟ୍ ଲାଇଟ, ସହରର ମୁଖ୍ୟ ରାସ୍ତା ଅନ୍ଧାର

- ପାର୍ବଣ ଆସୁଥିବାରୁ ଲୋକଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ
- ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି



ବ୍ୟାଙ୍କ ଷ୍ଟ୍ରିଟ୍‌ଠାରୁ ଗୋପବନ୍ଧୁ ଛକ ମୁଖ୍ୟରାସ୍ତା ଅନ୍ଧାର ହୋଇଛି।

ଯାଜପୁରରୋଡ୍,୧୪।୧୦(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦରେ ବିଭିନ୍ନ ମୌଳିକ ସମସ୍ୟା ଲାଗିରହିଛି। ଏହାମଧ୍ୟରେ ସହରର ଷ୍ଟ୍ରିଟ୍ ଲାଇଟ୍ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭାହୋଉଛି। ୱାର୍ଡଠାରୁ ଆରମ୍ଭ କରି ସହରର ମୁଖ୍ୟରାସ୍ତା ସବୁଆଡ଼େ ଅନ୍ଧକାରମୟ। ସମସ୍ୟା ସମ୍ପର୍କରେ ଜନ ସାଧାରଣ ପୌର କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ମଧ୍ୟ ସମାଧାନ ହୋଇପାରୁନାହିଁ। ଫଳରେ ସହରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଚୋରି, ଛିନତାଇ ବଢୁଛି। ୱାର୍ଡକଥା ଦୂରେ ଥାଉ। ସହରର ମୁଖ୍ୟରାସ୍ତା ୧୩ନଂ. ୱାର୍ଡ ବ୍ୟାଙ୍କ ଷ୍ଟ୍ରିଟ୍‌ଠାରୁ ଗୋପବନ୍ଧୁ ଛକ, ଷ୍ଟେଶନ ବଜାର ଓ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ରାସ୍ତାର ଲାଇଟ ଗୁଡ଼ିକ କଟି ଯାଇଥିବାରୁ ବହୁ ସ୍ଥାନ ଅନ୍ଧାର ରହୁଛି। ହେଲେ ଏହାର ମାମତି ପାଇଁ କାଉନସିଲରଙ୍କଠାରୁ ଅଧ୍ୟକ୍ଷା ସମସ୍ତେ ନିଜର ଅକ୍ଷମତା ପ୍ରକାଶ କରୁଛନ୍ତି।

ଆଗକୁ ପାର୍ବଣ ଆସୁଛି। ଏହାକୁ ନେଇ ସହରର ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଜନସାଧାରଣ ଓ ସହରବାସୀଙ୍କ ମନରେ ଘୋର ଅସନ୍ତୋଷ ବୃଦ୍ଧିପାଉଛି। ସହରର ୨୬ ୱାର୍ଡରେ ଲାଗିଥିବା ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଲାଇଟ ମଧ୍ୟରୁ ଅଧିକାଂଶ ଦୀର୍ଘଦିନ ହେବ ଫିଉଜ ହୋଇରହିଛି। ଏନେଇ ୧୩ ନଂ. ୱାର୍ଡବାସିନ୍ଦା ତଥା ବ୍ୟବସାୟୀ ସତ୍ୟନାରାୟଣ ମହାନ୍ତି ଅସନ୍ତୋଷ ପ୍ରକାଶ କରିବା ସହ ପୌର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ପୂଜାପୂର୍ବରୁ ସମସ୍ୟାର ସମାଧାନ ନ ହେଲେ ୱାର୍ଡବାସୀ ଓ ବ୍ୟବସାୟୀ ଟିକସ ଦେବାରୁ ବିରତ ରହିବାକୁ ବାଧ୍ୟ ହେବେବୋଲି ପ୍ରକାଶ କରିଛନ୍ତି। ସହରର ରାସ୍ତାଘାଟ ଆଲୋକୀକରଣ କାର୍ଯ୍ୟ ଦାୟିତ୍ୱରେ ଥିବା ୨ ଠିକା କମ୍ପାନୀ ୪ ବର୍ଷ ଏହାର ରକ୍ଷଣାବେକ୍ଷଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ହେଲେ ଉକ୍ତ କମ୍ପାନୀ ଠିକଭାବେ କାର୍ଯ୍ୟ ତୁଲାଇ ନ ପାରିବାରୁ ସେମାନଙ୍କ ବିରୋଧରେ ନଗର ଉନ୍ନୟନ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ବିଭାଗ ସେମାନଙ୍କ କାର୍ଯ୍ୟାଦେଶ ରଦ୍ଦ କରିବା ସହ ନୂଆ ଟେଣ୍ଡର କରି ଆଉ ଏକ ସଂସ୍ଥାକୁ ନିୟୋଜିତ କରିବାକୁ ପ୍ରକ୍ରିୟା ଚଳାଇଛି। ଅନ୍ୟପକ୍ଷରେ ସହରର ମୁଖ୍ୟ ସ୍ଥାନ ଗୁଡ଼ିକରେ ଲାଇଟ ଲଗାଇବା ଓ ପୁରୁଣା ଲାଇଟକୁ ମରାମତି ପାଇଁ ସରକାର ୧୦ ଲକ୍ଷ ଟଙ୍କାର ଏକ ସହଯୋଗ ରାଶି ପ୍ରଦାନ କରିଛନ୍ତି ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ପ୍ରକାଶ କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ସମସ୍ୟାର ସମାଧାନ ହେଉଛି।


ଡେରାବିଶ୍ ତିଲଙ୍ଗଠାରେ ଦୁର୍ଗାଙ୍କ ପ୍ରତିମା ନିର୍ମାଣ ଚାଲିଛି।

## ରୁପା ଗହଣାରେ ସଜେଇହେବେ ମା'

ଡେରାବିଶ,୧୪।୧୦(ବେବର୍ତ୍ତା ଅଜୟ ଦାସ)

ଶାରଦୀୟ ଦୁର୍ଗାପୂଜା ଆଉ ମାତ୍ର ୭ ଦିନ ଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ପୂଜାମଣ୍ଡପରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ତିଲଙ୍ଗ ଠାରେ ଅନୁଷ୍ଠିତ ହେବାକୁ ଥିବା ମା'ଦୁର୍ଗାଙ୍କ ପୂଜା ପାଇଁ ମଧ୍ୟ ପ୍ରସ୍ତୁତି ଜୋରଦାର ହୋଇଛି । ବହୁ ପୁରାତନ ଏହି ପୂଜା ମଣ୍ଡପରେ ମୁଖ୍ୟ ଆକର୍ଷଣ ମା' ରୁପା ଅଳଙ୍କର ବେଶ । ରୁପା ଗହଣାରେ ସଜେଇ ହେବେ ମା' । ତେବେ ଚଳିତ ବର୍ଷ ମା'ଙ୍କ ପୂଜା ପାଇଁ ୨୦ ତାରିଖ ଶୁକ୍ରବାର ମା'ଙ୍କ ପୀଠରେ ବିଲ୍ୱାଧିବାସ ଓ ତପଃଷଷ୍ଠୀ, ୨୧ ତାରିଖ ମହାସପ୍ତମୀ ପୂଜା, ୨୨ ତାରିଖ ମହାଷ୍ଟମୀ ଓ ସନ୍ଧିପୂଜା, ୨୩ ତାରିଖ ମହାନବମୀ ପୂଜା, ୨୪ ତାରିଖ ଦଶହରା ଓ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର କର୍ମକର୍ତ୍ତା ତଥା ସ୍ଥାନୀୟ ସରପଞ୍ଚ ସୁଧୀର କୁମାର ଖଟୁଆ ସୂଚନା ଦେଇଛନ୍ତି । ବ୍ଲକ ଅଧୀନସ୍ଥ ଏଣ୍ଡର, ଛଚିଣା, ହଳଦିଆପାଟଣା, ଖରିଦାସାହି, ମୁକୁନ୍ଦପୁର, ଭୋଳହାଟ, ସବଳଙ୍ଗ କଣିପଡ଼ାସ୍ଥ ସାଥୀସମାଜ, ପଲେଇସ୍ଥିତ ନାଲୁବାବା ଆଶ୍ରମରେ ମା'ଙ୍କ ପୂଜା ପାଇଁ ଦୀର୍ଘ ୫ ଦିନ ଧରି ଚଳଚଞ୍ଚଳ ହେଉଛି ।

# ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ା,୧୪।୧୦(ଜଗନ୍ନାଥ ଧଳ)

ଆସନ୍ତା ଅକ୍ଟୋବର ୨୮ରୁ କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେବ । ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଜିଲାର ୨୧୧ ମଣ୍ଡପର କର୍ମକର୍ତ୍ତା ଗତ ଇନ୍ଦୁ ପୂର୍ଣ୍ଣିମାରେ ମାଟି ଉଠାଇଛନ୍ତି । ଚଳିତ ବର୍ଷ ଗଣପର୍ବକୁ ସରସ ସୁନ୍ଦର କରିବା ପାଇଁ ପୂଜା କମିଟି ଓ ଜିଲାବାସୀ ଉତ୍ସାହ ବଢ଼ିଯାଇଛି। ପ୍ରବାସୀ ଘରକୁ ଫେରିବାକୁ ଆରମ୍ଭ କରୁଥିବା ବେଳେ ବ୍ୟବସାୟୀମାନେ ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ନିଜର ସାମଗ୍ରୀ ବିକ୍ରି ଅଭିଯାନ ଆରମ୍ଭ କରିଛନ୍ତି ।

ସହରର ଉପେନ୍ଦ୍ର ବେହେରା କୁହନ୍ତି, ମାଆଙ୍କ ଏହି ଗଣପୂଜାକୁ ଜିଲାବାସୀ ଚାତକ ପରି ଚାହିଁଥାନ୍ତି । ଜିଲାର ଅର୍ଥନୀତି କୃଷିଭିତ୍ତିକ । ଶିଳ୍ପ ଅଥବା ଖଣି ନ ଥିବାରୁ ଯୁବବର୍ଗ କର୍ମ ନିଯୁକ୍ତି ପାଇଁ ଜିଲା ବାହାରକୁ ଯାଇ ପରିବାର ପ୍ରତିପୋଷଣ କରିଥାଆନ୍ତି । ତେବେ ମା'ଙ୍କ ପୂଜା ସମୟ ଆସିଲେ ସମସ୍ତେ ଘରକୁ ଫେରିଥାନ୍ତି । ପୂଜା ପରେ ପୁନର୍ବାର ବର୍ଷଟିଏ ପାଇଁ କର୍ମ ଅନ୍ୱେଷଣରେ ଯାଇଥାନ୍ତି । ଚଳିତ ବର୍ଷ ପୂଜା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇସାରିଛି । ବାଣ ଓ ଡିଜେର ଭାଇବ୍ରେଟର କଟକଣା କରାଯାଇଛି । ଚଳିତ ବର୍ଷ ପୂଜା ଉତ୍ସବ ଜାକଜମକରେ ହେବ । ଶିଳ୍ପୀ ବାସୁଦେବ ମହାରଣା କହିଛନ୍ତିଯେ, ଚଳିତ ବର୍ଷ ପୂଜା ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ କମିଟିଗୁଡିକ ତତ୍ପର ହୋଇଛନ୍ତି । ପାଗ ଅନୁକୂଳ ଥିବାରୁ ମୂର୍ତ୍ତି ନିର୍ମାଣର ପ୍ରାଥମିକ କାର୍ଯ୍ୟ ସରିଛି । ଏବେ ଦେବୀଙ୍କ ପ୍ରତିମାରେ ସୁନା ଓ ରୁପା ଅଳଙ୍କାର ଲାଗୁଥିବାରୁ ସତର୍କତାର ସହ ଏନେଇ ଧ୍ୟାନ ଦେବାକୁ ପଡୁଛି । ଗଜଲକ୍ଷ୍ମୀ ପୂଜା ସହ ଆଗକୁ ମାଆ ଦୁର୍ଗାଙ୍କ ପୂଜା ଆସୁଛି । ଏଥିପାଇଁ ସମୟ ଦେବାକୁ


ମା' ଲକ୍ଷ୍ମୀଙ୍କ ପ୍ରତିମାରେ ଶିଳ୍ପୀ ଶେଷ ସ୍ପର୍ଶ ଦେଉଛନ୍ତି।


ଲକ୍ଷ୍ମୀପୂଜା ପାଇଁ ପୁରୁଣା ବସଷ୍ଟାଣ୍ଡରେ ନିର୍ମିତ ତୋରଣ।

- ୨୧୧ ମଣ୍ଡପରେ ମା'ଙ୍କ ପୂଜା
- ମୂର୍ତ୍ତି ଓ ତୋରଣ କାର୍ଯ୍ୟ ତ୍ୱରାନ୍ୱିତ
- ଘରକୁ ଫେରୁଛନ୍ତି ପ୍ରବାସୀ ଶ୍ରମିକ

ହେବ । ଏବେ ଏହି ବୃତ୍ତିରେ ଅଧିକ ଅର୍ଥ ମିଳୁ ନ ଥିବାରୁ ଯୁବ ମୂର୍ତ୍ତି କାରିଗର କର୍ମ ଅନ୍ୱେଷଣରେ ଜିଲା ବାହାରକୁ ପଳାଇ ଯାଉଛନ୍ତି । ସେହିପରି ମୂର୍ତ୍ତି ତିଆରିରେ ବ୍ୟବହାର ହୋଇଥିବା ସାମଗ୍ରୀର ଦରଦାମ ଅତ୍ୟାଧିକ ବୃଦ୍ଧି ହୋଇଛି । ସେହିପରି ପ୍ଲାଷ୍ଟିକ ଓ କେତେକ ରଙ୍ଗକୁ ନିଷିଦ୍ଧ କରାଯାଇଛି । ଏହାସତ୍ତ୍ୱେ ପୂଜାବଜାର ଏଥର ଜମିବ ବୋଲି ସେ ପ୍ରକାଶ କରିଛନ୍ତି ।

ମଡ଼ିଆଳର ଲୁଗା ବ୍ୟବସାୟୀ ସେକ୍ ଅମଜାନ କୁହନ୍ତି, ମା'ଙ୍କ ଏହି ଗଣପର୍ବ ଭାଇଚାରାର ଏକ ନମୁନା । ଏହି ସମୟରେ ବିଭିନ୍ନ ବ୍ୟବସାୟୀ ନିଜର ସାମଗ୍ରୀ ବିକ୍ରି ପାଇଁ ସୁଯୋଗ ପାଇଥାନ୍ତି । ଏପରି କି ସୁଦୂର ଜମ୍ମୁ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟରୁ ବ୍ୟବସାୟୀ ଆସି ଏଠାରେ ସାମଗ୍ରୀ ବିକ୍ରି କରୁଥିବା ବେଳେ ଘରକରଣା ସାମଗ୍ରୀ ବିକ୍ରି ଅଧିକ ହୋଇଥାଏ । ସେହିପରି ରଙ୍ଗବେରଙ୍ଗ ତୋରଣ ଓ ମା'ଙ୍କ ସାଜସଜ୍ଜା ଦେଖିବା ପାଇଁ ଭିଡ଼ ଲାଗିଥାଏ । ପୁରଣା ବସଷ୍ଟାଣ୍ଡର ଗଜଲକ୍ଷ୍ମୀ କମିଟିର କର୍ମକର୍ତ୍ତା ଭୀମସେନ ବେହେରା କହିଛନ୍ତି, ପୂର୍ବପରି ମା'ଙ୍କ ପୂଜା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ସରିଛି । ପ୍ରତ୍ୟେକ ମେଢ଼ କମିଟି ପକ୍ଷରୁ ମେଲଣ ଓ ଭସାଣି ଉତ୍ସବ ଆକର୍ଷଣୀୟ କରିବା ସହିତ ତୋରଣ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି । ସହରର ବିଭିନ୍ନ ସ୍ଥାନରେ ତୋରଣ ସଜ୍ଜା ଆରମ୍ଭ ହୋଇଛି । ଏସମ୍ପର୍କରେ ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକ କହିଛନ୍ତି, ଗଣପର୍ବ ଗଜଲକ୍ଷ୍ମୀ ପୂଜା ଶାନ୍ତି ଶୃଙ୍ଖଳାରେ ପାଳନ ହେବ । ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଦୁଇଟି ବୈଠକ ହୋଇଛି । ଟ୍ରାଫିକ ନିୟନ୍ତ୍ରଣଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଏସ୍‌ଓପିକୁ କାର୍ଯ୍ୟକାରୀ ହେବ । ପ୍ରତ୍ୟେକ ପୂଜା ମଣ୍ଡପକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଏସ୍‌ଡିପିଓ ମଲିକ ପ୍ରକାଶ କରିଛନ୍ତି ।

## 'ହାରିବାର ଅଭିଜ୍ଞତା ଜିତିବା ପାଇଁ ବାଟ ଦେଖାଏ'



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆଳି,୧୪।୧୦(ବନମାଳୀ ସେନାପତି)

ପ୍ରତିଯୋଗିତାରେ ହାରିବା କିମ୍ବା ଜିତିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା। ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବକ୍ତାମାନେ ଏହା କହିଛନ୍ତି।

ବ୍ରଜସୁନ୍ଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଶରତ କୁମାର ଦେ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ମଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ଶିକ୍ଷାବିତ୍ ବନମାଳୀ ସେନାପତି, ମୁଖ୍ୟବକ୍ତା ରୂପେ ଆଳି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶରତ କୁମାର ରାଏ, ଅକ୍ଷୟ କୁମାର ପଣ୍ଡା,ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ କହିଲେ, ଆଜିର ଯୁଗ ହେଉଛି ପ୍ରତିଯୋଗିତାର ଯୁଗ। ତେଣୁ ସମସ୍ତେ ପ୍ରତିଯୋଗିତା ମନୋଭାବ ନେଇ ପ୍ରତ୍ୟେକ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ଉଚିତ। ପ୍ରତିଯୋଗିତାରେ ହାରିବା ଜିତିବା ବଡ଼ କଥା ନୁହେଁ,ବଡ଼ କଥା ହେଉଛି ସେଥିରେ ଅଂଶ ଗ୍ରହଣ କରିବା। ବିଦ୍ୟାଳୟରେ ଅନେକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସମସ୍ତେ ସବୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇ ନ ଥାନ୍ତି। ଯେଉଁମାନେ ଏହି ସୁଯୋଗ ପାଇଥାନ୍ତି ସେମାନେ ହିଁ ଭାଗ୍ୟବାନ। ଆଜି ଯେ ହାରିଛି ଆଗାମୀ ଦିନରେ ଏହି ହାରିବାର ଅଭିଜ୍ଞତା ହିଁ ଜିତିବାର ବାଟ ବତେଇ ଦେବ। ତେଣୁ ଏ ବିଜୟ ପରାଜୟରେ କେହି ହତୋତ୍ସାହିତ ନ ହୋଇ ଚେଷ୍ଟା ଅବ୍ୟାହତ ରଖିବାକୁ ପରାମର୍ଶ ଦେଇଥିଲେ। କଥିତ ସାଧନ କେନ୍ଦ୍ର ଅଧିନରେ ଥିବା ଉଚ୍ଚବିଦ୍ୟାଳୟଠାରୁ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଦଶରଥ ମଲିକ ଓ ନିରଞ୍ଜନ ଜେନା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନେ ବ୍ଲକସ୍ତରରେ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାର ଯୋଗ୍ୟତା ଅର୍ଜନ କରିଥିଲେ ।

## ବୋଇତ ବନ୍ଦାଣ ପାଇଁ ପ୍ରସ୍ତୁତି ବୈଠକ

ରାଜନଗର,୧୪।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକର ଅନ୍ୟତମ ପୁରାଣ ପ୍ରସିଦ୍ଧ ଶକ୍ତିପୀଠ ବାରଗାଁର ମା' ମାଟିଆ ମଙ୍ଗଳା ପୀଠରେ କିମ୍ବଦନ୍ତୀର ଅନନ୍ୟ ସ୍ୱାକ୍ଷର ବହନ କରି ଆସୁଥିବା ବୋଇତ ବନ୍ଦାଣ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ମା'ଙ୍କ ପୀଠ ପରିସରରେ ବାରଗାଁ ମା'ମାଟିଆ ମଙ୍ଗଳା କ୍ଲବ ପକ୍ଷରୁ ଆୟୋଜିତ ବୈଠକରେ ଓଡ଼ିଆ ନୌବାଣିଜ୍ୟର ସ୍ମାରକୀ ବୋଇତ ବନ୍ଦାଣକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆଡମ୍ବର ସହକାରେ ପାଳନ କରାଯିବ। ଏଥିସହିତ କ୍ଲବର ବାର୍ଷିକ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ। କ୍ଲବର ସଦସ୍ୟ ମହେଶ୍ୱର ବେହେରା, ସ୍ମୃତି ରଞ୍ଜନ ମିଶ୍ର, ଦୀପକ କୁମାର ପାତ୍ର, ସୃଜନ ଦାସ, ସୁଶିଳ ଦାସ, ହିମାଂଶୁ ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଡେରାବିଶ,୧୪।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରକ୍ଷିତ ସେଠୀ (୭୯)ଙ୍କ ଶନିବାର ଅପରାହ୍ନରେ ପରଲୋକ ଘଟିଛି । ଦୀର୍ଘଦିନ ଧରି ସେ ଅସୁସ୍ଥ ଥାଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଡେରାବିଶ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ନରସିଂହପୁର ସରପଞ୍ଚ ସୁଧିର କୁମାର ଖଟୁଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।

## କ୍ଷମତାକୁ ଆସିଲେ ବିକାଶ ପ୍ରତି ଗୁରୁତ୍ୱ ଦେବ କଂଗ୍ରେସ



ସମାବେଶରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

ଡେରାବିଶ,୧୪।୧୦(ବେବର୍ତ୍ତା ଅଜୟ ଦାସ)

### ପାଟକୁରାରେ 'ଘରେ ଘରେ ହାତ' ଶୋଭାଯାତ୍ରା

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଡେରାବିଶ ବ୍ଲକ ଅଧୀନରେ ଥିବା ୧୨ ନମ୍ବର, ୧୩ନଂ. ଜିଲା ପରିଷଦ ଜୋନ୍‌ରେ ଦଳ ପକ୍ଷରୁ ଆରମ୍ଭ ହୋଇଥିବା ଘରେ ଘରେ ହାତ ଓ ଘରେ ଘରେ କଂଗ୍ରେସ ଶନିବାର , ୧୪ନଂ. ଜିଲା ପରିଷଦ ଜୋନ୍‌ରେ ଅନୁଷ୍ଠିତ ହେବା ସହ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ଶନିବାର ପୂର୍ବାହ୍ନରେ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୫ କିଲୋମିଟର ବ୍ୟାପୀ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଖମୋଳ ଛକ ନିକଟରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମାବେଶରେ ମୁଖ୍ୟଅତିଥିଭାବେ କାନୁନ୍‌ଗୋ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହିତ କଂଗ୍ରେସ କ୍ଷମତାକୁ ଆସିଲେ ବିକାଶକୁ ଗୁରୁତ୍ୱ ଦେବ ବୋଲି କହିଥିଲେ । ଏହି ସମାବେଶରେ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର କର, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନ, ଅନନ୍ତ ଚରଣ ପାତ୍ର, ଜୟଦେବ ପରିଡ଼ା, ରାଜୀବ ଲୋଚନ ମିଶ୍ର, ଅଶୋକ କୁମାର ଜେନା, ଚିତରଞ୍ଜନ ରାଉତ, ଗୋଲଖ ଚନ୍ଦ୍ର ସ୍ୱାଇଁ, ତରୁଣକାନ୍ତି ପ୍ରଧାନ, ସଦାଶିବ ମଲିକଙ୍କ ସମେତ ବହୁ ଦଳୀୟ ନେତା ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନିଜର ବକ୍ତବ୍ୟ ରଖିଥିଲେ । ଏଥିସହ କଂଗ୍ରେସ ଶାସନକୁ ଆସିଲେ ନିର୍ବାଚନ ମଣ୍ଡଳୀର ବିକାଶ ସମ୍ଭବ ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଧିର କୁମାର ରାଉତ, ବିଶ୍ୱରଞ୍ଜନ ସାମଲ, ଅକ୍ଷୟ କୁମାର ପଣ୍ଡା, ହରିହର ଜେନା ପ୍ରମୁଖ ପରିଚାଳନା କରିଥିଲେ ।

## କୋଠସାହି ସ୍କୁଲରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

ରାଜକନିକା,୧୪।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଜରିସାହି କ୍ଲଷ୍ଟର କୋଠସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତ୍ୟାଧୁନିକ ବିଦ୍ୟାଳୟ ଫାଟକ, ନୂତନ ଶ୍ରେଣୀ ଗୃହ ସହ ଅଙ୍ଗନୱାଡି ଗୃହ, ଥଣ୍ଡା ପାନୀୟ ଜଳ ପ୍ରକଳ୍ପ, ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟନ ସହ ମହାତ୍ମା ଗାନ୍ଧୀ,ଗୋପବନ୍ଧୁ ଦାସ, ନେତାଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଶକ୍ତି ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ବାବାଜୀ ଚରଣ ବାରିକ, କଣ୍ଟପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା, କୋଠସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଜରିସାହି କ୍ଲଷ୍ଟର ସିଆରସିସି ଖଗେଶ୍ୱର ପଡିହାରୀ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ମଲିକଙ୍କ ସମେତ ସାମାଜିକ କର୍ମୀ ହୃଷିକେଶ ବେହେରା, ମୋ ସ୍କୁଲ କମିଟିର ସମସ୍ତ ସଭ୍ୟାସଭ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଦଶଭୁଜାଙ୍କ ଆଗମନ ପାଇଁ ସଜବାଜ

ପଟ୍ଟାମୁଣ୍ଡାଇ,୧୪।୧୦(କଳ୍ପତରୁ ନାୟକ)

ଆଶ୍ୱିନ ଆସିଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠେ । ସେଥିପାଇଁ ସବୁଠି ଉତ୍ସାହ ଓ ଉଦ୍ଦୀପନା। ମା' ଦୁର୍ଗାଙ୍କ ଧରାବତରଣକୁ ସ୍ୱାଗତ ପାଇଁ କାଶତଣ୍ଡୀରେ ସଜେଇ ହୋଇଛି ପରିବେଶ। ଶନିବାର ଥିଲା ମହାଳୟା । ମା'ଙ୍କ ମୃଣ୍ମୟୀ ପ୍ରତିମାରେ ଖଡ଼ି ଚଢା ହେଇଛି।। ରବିବାରଠାରୁ ନବରାତ୍ରି ପୂଜା ଆରମ୍ଭ ହେବ। ଆଉ ମାତ୍ର କେଇଦିନର ଅପେକ୍ଷା। କାରିଗରଙ୍କ ହାତ ଚଳଚଞ୍ଚଳ। ପ୍ରତିବର୍ଷ ପରି ଏଥର ବି ତୋରଣ ଓ ରଙ୍ଗବେରଙ୍ଗ ଆଲୋକମାଳାରେ ପଟ୍ଟାମୁଣ୍ଡାଇର ପ୍ରମୁଖ ପୂଜା ମଣ୍ଡପ ଝଲମଲ ହେବ ।

ଏ ସଂକ୍ରାନ୍ତରେ ବଙ୍ଗାଳିସାହି ପୂଜା କମିଟି ସଭାପତି ବିଜୟ ଦାସ କୁହନ୍ତି, ଆମ ସାହି ମୁଣ୍ଡରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ଚାଲିଛି । ଏହି ସାହିରେ ପ୍ରାୟ ୧ଶହରୁ ଉର୍ଦ୍ଧ୍ୱ ପରିବାର ରୁହନ୍ତି । ଦୁର୍ଗା ପୂଜା ଆସିଲେ ଦେଶ ବିଦେଶରେ ରହୁଥିବା ପରିବାରର ସଦସ୍ୟମାନେ ଗାଁକୁ ଫେରିଥାଆନ୍ତି। ସବୁରି ଘରେ ଜମେ ପିଠାପଣାର ଆସର। ନୂଆ ପୋଷାକ ସାଙ୍ଗକୁ ସ୍ୱାଦିଷ୍ଟ ବ୍ୟଞ୍ଜନରେ ମହକେ ସାହିଟା ସାରା । ଦୁର୍ଗାପୂଜା ସମୟରେ ପାଳନ କରାଯାଉଥିବା ୫ଟି ମୁଖ୍ୟ ପରମ୍ପରା ହେଉଛି ତର୍ପଣ, ୯ଟି ବୃକ୍ଷ ପୂଜା, କାଳପ୍ରାରମ୍ଭ, କୁମାରୀ ପୂଜା ଏବଂ ସିନ୍ଦୂରଖେଳ। ଆମ ସାହି ମା'ମାନେ ନିଜର କନ୍ୟା ସଦୃଶ ଦେବୀଙ୍କୁ ଦେଖିଥାଆନ୍ତି। ବର୍ଷକରେ ଥରେ କନ୍ୟା ଯେମିତି ବାପ ଘରକୁ ବୁଲି ଆସନ୍ତି ସେମିତି ଝିଅ ରୂପରେ ମା'ଦୁର୍ଗା ଧରାପୃଷ୍ଠରେ ଅବତରଣ କରନ୍ତି। ସେଥିପାଇଁ ମା'ଙ୍କୁ ନିଆରା ଆଭୂଷଣରେ ସଜେଇ ଦିଆଯାଇଥାଏ। ମା'ଙ୍କୁ ଏଠି କାଳିକା ତନ୍ତ୍ରରେ ପୂଜା କରାଯାଏ । ନବମୀ ପୂଜାରେ ମା'ଙ୍କୁ କୁଆଁରୀ କନ୍ୟା ରୂପରେ ପୂଜା କରିବାର ବିଧି ପ୍ରଚଳିତ । ଦଶମୀ ପୂଜାରେ ଦେବୀଙ୍କ ନିକଟରେ ଅପରାଜିତା ପୂଜା ହୁଏ । ଏହାପରେ କରାଯାଏ ସିନ୍ଦୂର ଓ ଅବିର ଖେଳ । ସାହିର ସମସ୍ତ ପୁରୁଷ ଓ ମହିଳା ୫ ଦିନର ପୂଜା ପରେ ମା'ଙ୍କୁ ଶେଷ ଅର୍ଘ୍ୟ ଦିଅନ୍ତି। ଯେତେବେଳେ ମା' ପାଣିକୁ ବିସର୍ଜନ ହେବାକୁ ପୂଜା ମଣ୍ଡପ ଛାଡ଼ନ୍ତି ସେତେବେଳେ ସୃଷ୍ଟିହୁଏ ଅଶ୍ରୁଳ ମୁହୂର୍ତ୍ତ । ଝିଅ ଶାଶୁଘରକୁ ବିଦାୟ ହେବା ସମୟରେ ଯେମିତି ପରିବାରରେ କାନ୍ଦବୋବାଳି ପଡେ ସେତେବେଳେ ଝିଅର କାନିରେ ମା'କନକ ଅଞ୍ଜୁଳି ବାନ୍ଧି ଦେଇଥାଆନ୍ତି। ସେମିତି ଏହି ସାହିର ମହିଳାମାନେ ସେମାନଙ୍କ ଝିଅ ସଦୃଶ ଦୁର୍ଗା ଦେବୀଙ୍କୁ ବିଦାୟ ବେଳାରେ କନକ ଅଞ୍ଜୁଳି ପ୍ରଦାନ କରି ବିଦାୟ ଦିଅନ୍ତି ।

ନୀଳକଣ୍ଠପୁର ଗ୍ରାମର କାଳିଆ ନନ୍ଦି କୁହନ୍ତି, ନୀଳକଣ୍ଠପୁର ପୂଜାମଣ୍ଡପରେ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ । ନବମୀ ତିଥିରେ ମାନସିକଧାରୀ ଭକ୍ତମାନେ ମୁଣ୍ଡ ଉପରେ ନିଆଁ ପଲମକୁ ରଖି ସେଥିରେ ଝୁଣା ଜାଳି ମା'ଙ୍କ ପାଦରେ ସମର୍ପଣ କରିଥାନ୍ତି । ଏଥିପାଇଁ ପୂଜାମଣ୍ଡପରେ ଭକ୍ତଙ୍କ ପ୍ରବଳ ଗହଳି ଲାଗିଥାଏ। ଦୁର୍ଗାପୂଜାର ନବମୀ ତିଥିରେ ମା'ଙ୍କ ନିକଟରେ ଝୁଣା ପୋଡ଼ିଲେ ସାତ ଜନ୍ମର ପାପକ୍ଷୟ ହେବା ସହ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି। ସେଥିପାଇଁ ଏହି ଦିନରେ ଭକ୍ତମାନେ ନିର୍ଜଳା ବ୍ରତ ରଖି ସନ୍ଧ୍ୟାରେ ମା'ଙ୍କ ଛାମୁରେ ନିଜର ମାନସିକ ଜଣାଇ ଝୁଣା ପୋଡ଼ିଥାଆନ୍ତି। ଏଥିସହିତ ମା'ଙ୍କ ପାଦ ତଳେ ଓଦା କମ୍ବଳ ଘୋଡ଼େଇ ହୋଇ ଯୋଡ଼ ହସ୍ତରେ ବସି ମା'ଙ୍କୁ ଆରାଧନା କରିଥାଆନ୍ତି ।


ବଙ୍ଗାଳିସାହିରେ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି।


ପଟ୍ଟାମୁଣ୍ଡାଇରେ ତୋରଣ ପ୍ରସ୍ତୁତି ଆଗେଇ ଚାଲିଛି।

ଦୁର୍ଗା ପୂଜା ପାଇଁ ପଟ୍ଟାମୁଣ୍ଡାଇରେ ବିଶାଳ ଆୟୋଜନ ହେଉଥିବା ବେଳେ ସମସ୍ତ ଦୁର୍ଗା ପୂଜା ସମିତି ପକ୍ଷରୁ ତୋରଣ ନିର୍ମାଣ କାର୍ଯ୍ୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପୋଖରିଆପଡା ଦୁର୍ଗା ପୂଜା ସମିତି ପକ୍ଷରୁ ଦଶମୀ ଦିନ ବିଧି ମୁତାବକ ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ବୁଲାବୁଲିକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ଫୋର୍ସ ସମେତ କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ମହିଳା ସ୍ୱେଚ୍ଛାସେବୀ ବି ରହିବେ। ଦମକଳ ଗାଡ଼ି ସମେତ ନିଜସ୍ୱ ଆମ୍ବୁଲାନ୍ସ, ଫାଷ୍ଟ ଏଡ୍ ସୁବିଧା ରହିବ। ପୂଜାକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ମୁକ୍ତ କରାଯିବା ସହିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବ ବୋଲି ଆଇଆଇସି ରଞ୍ଜିତ ମହାନ୍ତି କହିଛନ୍ତି ।

## ସଂକ୍ଷେପରେ

### ଦିନକରେ ଧରାପଡ଼ିଲେ ୨୨ ମଦ୍ୟପ

**ଛତ୍ରପୁର, ୧୪।୧୦(ଦିଲ୍ଲୀପ ସାମଲ):** ବେଆଇନ ଭାବେ ଗାଡିଚାଳନା, ମଦ୍ୟପାନ କରି ଗାଡ଼ି ଚଲାଇବା ଯୋଗୁଁ ଅଧିକ ଦୁର୍ଘଟଣା ହେଉଛି। ତେବେ ଏହି ଦୁର୍ଘଟଣାକୁ କମ କରିବା ପାଇଁ ଗଞ୍ଜାମ ଏସପି ଜଗମୋହନ ମୀନା ପ୍ରତି ଥାନାଧିକାରୀଙ୍କୁ କଡ଼ାକଡ଼ି ଭାବରେ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ମଦ୍ୟପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ କଡ଼ାକଡ଼ି ଭାବରେ ଯାଞ୍ଚ କରାଯାଉଛି। ଶୁକ୍ରବାର ରାତିରେ ପୋଲିସ ଯାଞ୍ଚ ବେଳେ ୨୨ଜଣ ମଦ୍ୟପ ଚାଳକ ଧରାପଡିଛନ୍ତି। ସେମାନଙ୍କୁ ଗିରଫ କରିବା ସହ ଗାଡ଼ି ଜବତ କରାଯାଇଥିବା ଗଞ୍ଜାମ ଏସପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଧରାକୋଟ, ସୋରଡା, ପୋଲସରା, ପାଟପୁର, କୋଦିନଡା, ଖଲ୍ଲିକୋଟ, ବେଗୁନିଆପଡା, ହିଞ୍ଜିଳି, କୋଦଳା ଓ ଛତ୍ରପୁର ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

### ମା’ ରାମଚଣ୍ଡୀ ପୀଠରେ ଷୋଡ଼ଶ ପୂଜା

**ଛତ୍ରପୁର, ୧୪।୧୦ (ସନ୍ତୋଷ ପାଢ଼ୀ):** ଛତ୍ରପୁର ନିକଟରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା’ ରାମଚଣ୍ଡୀ ମନ୍ଦିରରେ ପ୍ରଥମ କରି ଷୋଡଶ ଦିବସ ପୂଜା ଚାଲୁ ରହିଛି । ଶନିବାର ମା’ ସତ୍ୟା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଦୈନନ୍ଦିନ ଆଳତି, ଚଣ୍ଡି ପାଠ, ହୋମ ଏବଂ ମହାପୂଜା ସହ ସକାଳୁ ସୂର୍ଯ୍ୟପୂଜା, ପାର୍ଶଦେବତା ପୂଜା ଅନୁଷ୍ଠିତ ହେଉଛି। ସେଥିପାଇଁ ଟ୍ରଷ୍ଟ ଓ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ପଣ୍ଡିତ ବିଜୟ ତ୍ରିପାଠୀ ପୂଜା କାର୍ଯ୍ୟ କରୁଛନ୍ତି। କର୍ତ୍ତା ଭାବେ ଦିବାକର ଦାଶ ଦାୟିତ୍ୱ ତୁଲାଉଛନ୍ତି। ଚଳିତବର୍ଷ ୧୬ ଦିନ ପୂଜା ହେବ ବୋଲି ନିଷ୍ପତ୍ତି ହୋଇଛି । ଟ୍ରଷ୍ଟର କର୍ମକର୍ତ୍ତା ଓ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୂଜା ପରିଚାଳନା କରୁଛନ୍ତି।

### ଫୁଲବାଣୀରେ ଲୋକ ଅଦାଲତ

**ଫୁଲବାଣୀ,୧୪।୧୦(ରାକେଶ କୁମାର ରାଉତ):** କନ୍ଧମାଳ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ ଶନିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବିଚାରାଧିନ ୨ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୮ଲକ୍ଷ ୮୦ହଜାର ଟଙ୍କା ଆଦାୟ କରାଯାଇଛି । ୯ଟି ପାରିବାରିକ ବିବାଦର ବିଚାର କରାଯାଇ ୪ ଲକ୍ଷ ୩୮ହଜାର ୨୫୦ ଟଙ୍କା, ୨୨୦ଟି ରାଜସ୍ୱ ମାମଲାର ବିଚାର କରାଯାଇଛି। ଅନ୍ୟାନ୍ୟ ୩୯ ଆନୁଷଙ୍ଗିକ ମାମଲା ବିଚାରାଧୀନ ରହିଛି, ସେଥିମଧ୍ୟରୁ ୭ ଫଏସଲା କରାଯାଇଛି। ବିଚାରପତିମାନେ ମାମଲା ଗୁଡିକର ଶୁଣାଣି କରିଥିଲେ।

### ଅଟୋ ଓଲଟି ଡ୍ରାଇଭର ମୃତ

**ପୋଲସରା,୧୪।୧୦(ସୁବ୍ରତ ବେହେରା):** ପୋଲସରା ଥାନା ଅନ୍ତର୍ଗତ ଲୁଣିଆପଡ଼ା ନିକଟସ୍ଥ ରାସ୍ତାରେ ଶନିବାର ଏକ ଅଟୋ ଓଲଟି ପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପପୁର ବଡ଼ ରାଉଳ ସାହିର ଶଙ୍କର ରାଉଳା(୪୦)। ୫ ଜଣ ଯାତ୍ରୀଙ୍କୁ ନେଇ ଶଙ୍କର ପୋଲସରା ଥାନା କସିପଡ଼ା ମା ସିଂହାସନୀ ମନ୍ଦିର ଅଭିମୁଖେ ବାହାରିଥିଲେ।

# ଦୀପିକା ଦୀପୁ ଇନ୍ଦିରା ଠାକୁର ନାଁରେ ବୁଲାଇଲେ କଳାକନା

## ଏପିଏମ୍ ଆପ୍‌ରେ ଠକେଇ ଘଟଣା

ନୟାଗଡ଼,୧୪।୧୦(ଲୋକନାଥ ମିଶ୍ର)

ଏପିଏମ୍ ଆପ୍ ଠକେଇ ଘଟଣାରେ ନୟାଗଡ଼ ଜିଲାରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ପ୍ରାଥମିକ ଭାବେ ଜଣାପଡିଛି। ତେବେ ଇନ୍ଦିରା ଠାକୁର ନାଁରେ ଦୀପିକା ଦିପୁ ନାମ୍ନୀ ଜଣେ ମହିଳା ଜମାକାରୀଙ୍କ ଜମା ଟଙ୍କାକୁ କଳାକନା ବୁଲାଇ ଦେଇଥିବା ଚର୍ଚ୍ଚା ହେଉଛି। ଇନ୍ଦିରା ଠାକୁର ଏପିଏମ୍ ଆପ୍‌ରେ ଏକ କୁକୁର ଧରି ଠିଆ ହୋଇଛନ୍ତି। ଏପିଏମ୍ ଆପ୍ ସମ୍ପର୍କରେ ବିଭିନ୍ନ ସମୟରେ ଇନ୍ଦିରା ଠାକୁର ହ୍ୱାଟ୍ସ ଅପ୍ ଗ୍ରୁପ ଚଳାଉଥିଲେ। ଠକେଇ ପରେ ଇନ୍ଦିରା ଠାକୁର ଦୀପିକା ଦିପୁ ବୋଲି ଜଣାପଡିଛି ବୋଲି କେତେଜଣ ଜମାକାରୀ ନିଜ ନାମ ଗୋପନ ରଖି କହିଛନ୍ତି।

ସୂଚନାଯୋଗ୍ୟ, ଏହି ଏପିଏମ୍ ଆପ୍ ଅନ୍‌ଲାଇନ ଗ୍ରୁପରେ ସଂସ୍ଥାର ଲୋଭନୀୟ ଅଫର ଦେଇ ପ୍ରାୟ ୪ ମାସରୁ ଊର୍ଦ୍ଧ୍ୱ ହେବ ଜମାକାରୀ ବଢ଼ାଇ ଚାଲିଥିଲେ। ନୟାଗଡ଼ ନୂଆ ରାଜବାଟୀ ଲେନ୍ ଗାୟତ୍ରୀ କଲୋନୀର ଅରୁଣ କୁମାର ଦାସ ଏଥିରେ ସାମିଲ ହୋଇ ନୟାଗଡ଼ରେ ନିଜର ଚେନ୍ ବଢ଼ାଇବାରେ ଲାଗିଥିଲେ। ଅରୁଣ ନିଜର ସାନ ଭାଇ ଅମୂଲ୍ୟଙ୍କୁ ନେଇ ବିଭିନ୍ନ ସ୍ଥାନରେ ସଭାସମିତି କରି ଏପିଏମ୍ ଆପ୍‌କୁ ଲୋକପ୍ରିୟ କରାଇଲେ। ଜମାକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁଥିଲା। ବହୁ ଜମାକାରୀ ସ୍ୱଳ୍ପ ଟଙ୍କା ଦେଇ ଲାଭବାନ ହୋଇ ଚାଲିଥିଲେ। ତେବେ ଗତ ଗାନ୍ଧୀ ଜୟନ୍ତୀର ଅଫର ୫ ହଜାର ଦେଲେ ୨୪ ଘଣ୍ଟା ପରେ ୬ ହଜାର ପାଇବ। ୩୦ ଦିନ ପର୍ଯ୍ୟନ୍ତ ଦିନକୁ ୧ ହଜାର ଲେଖାଏ ଏପରି ଜମାକାରୀ ୩୫ ହଜାର ପାଇଥାନ୍ତେ। ହେଲେ ଗାନ୍ଧୀ ଜୟନ୍ତୀ ଅଫର ସବୁ କିଛି ବିଗାଡି ଦେଲା। ଜମାକାରୀଙ୍କ ଆକାଉଣ୍ଟକୁ ଆଉ ଟଙ୍କା ଆସିଲାନି। ମୋବାଇଲରୁ ଆପ୍ ନିଷ୍କ୍ରିୟ ହୋଇଗଲା। ଗାନ୍ଧୀ ଜୟନ୍ତୀ ଅଫରରେ ଟଙ୍କା ଡିପୋଜିଟ୍ କରିଥିବା ଲୋକ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ଠକେଇ ଘଟଣାରେ ନୟାଗଡ଼ର ୨ ଭାଇ ଅରୁଣ ଓ ଅମୂଲ୍ୟ ଦାସଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଛି। ତେବେ ଏପିଏମ୍ ଆପ୍‌ର ମୁଖ୍ୟ ଦିପିକା ଦୀପୁ ପାଖରେ ପୋଲିସ ପହଞ୍ଚି ପାରିନାହିଁ। ଭୟ ଦେଖାଇ ରୋଜଗାର ଚାଲିଛି ଏପିଏମ୍ ଆପ୍ ଠକେଇ ଘଟଣାରେ ନାଁ ରହିଛି, ପୋଲିସ ଆପଣଙ୍କୁ ଥାନାକୁ ଡକାଇ ଜେରା କରିପାରେ। ଦରକାର ପଡିଲେ କୋର୍ଟ ଚାଲାଣ କରିପାରେ ବୋଲି ନୟାଗଡ଼ ସହରରେ କେତେଜଣ ବ୍ୟକ୍ତି ଏପରି କହି ଲୋକଙ୍କୁ ଭୟଭୀତ କରୁଛନ୍ତି। ଏପରି କି ପୋଲିସ ଡାଏରୀରୁ ନାଁ କାଟିବାକୁ ଭଲ ଟଙ୍କା ନେଉଥିବା ପରି ଅଭିଯୋଗ ଉଠିଛି। ଏପିଏମ୍ ଆପ୍‌ରେ ଠକେଇ ହୋଇଥିବା କେତେଜଣ ଜମାକାରୀ ଦଲାଲଙ୍କ ହାବୁଡରେ ପଡି କିଛି ଟଙ୍କା ଦେଇ ସାରିଲେଣି ବୋଲି କୁହାଯାଉଛି। ପୋଲିସ ପକ୍ଷରୁ ଘଟଣା ସମ୍ପର୍କରେ ସଚେତନତା କରା ନ ଗଲେ ଏପରି ବ୍ୟକ୍ତିମାନେ ରୋଜଗାର ବଢ଼ାଇ ଚାଲିବେ ବୋଲି କୁହାଯାଉଛି।

# ବରିଷ୍ଠ ନାଗରିକଙ୍କୁ ସାଇବର ସଚେତନତା




ପଦଯାତ୍ରାରେ ଯୋଗଦେଇଥିବା ବରିଷ୍ଠ ନାଗରିକ।

ନୟାଗଡ଼,୧୪।୧୦(ଲୋକନାଥ ମିଶ୍ର)

ବରିଷ୍ଠ ନାଗରିକମାନଙ୍କୁ ସାଇବର ଅପରାଧ ସଂକ୍ରାନ୍ତରେ ସଚେତନ କରାଯାଉଛି । ନୟାଗଡ଼ ପୋଲିସ ଜିଲା ପକ୍ଷରୁ ଶନିବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ପଦଯାତ୍ରା ସହର ପରିକ୍ରମା କରି ତ୍ରିନାଥ ଛକରେ ପହଞ୍ଚିଥିଲା । ଏଥିରେ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ନୟାଗଡ଼ ଏସ୍‌ପି ରାହୁଲ ଜୈନ୍ୟ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ, ନୟାଗଡ଼ ଟାଉନ ଥାନା ଆଇଆଇସି ବିଜୟା ସାହୁ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ତ୍ରିନାଥ ଛକଠାରେ ଗାନ୍ଧୀଙ୍କୁ ମାଲ୍ୟାର୍ପଣ ପରେ ବରିଷ୍ଠ ନାଗରିକଙ୍କୁ ସଚେତନତା କରାଯାଇଥିଲା ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ହେଲ୍‌ପରଙ୍କ ଧାରଣା

ପୋଲସରା,୧୪।୧୦(ସୁବ୍ରତ ବେହେରା)

ପୋଲସରା ଓ ଚିରିକିପଡ଼ା ଶାସନ ଅଞ୍ଚଳରେ ଟାଟା ପାୱାର ଅଥବା ଟିପି ଦକ୍ଷିଣ ଓଡ଼ିଶା ବିତରଣ ଲିମିଟେଡ୍ ଅଧୀନରେ ଥିବା ହିନ୍ଦୁସ୍ତାନ ଇଞ୍ଜିନିୟରିଂ କପ୍ରେସନ୍ ମାଧ୍ୟମରେ କାମ କରୁଥିବା ହେଲ୍‌ପରମାନେ ଶନିବାର ତୋଟାସାହିରେ ଥିବା ସହକାରୀ ଯନ୍ତ୍ରୀ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ୮ ଦଫା ଦାବି ନେଇ ଧାରଣା ଦେଇଛନ୍ତି। ଦୁଇ ଜଣ କର୍ମଚାରୀ ତୋଫାନ ଦଳେଇ ଓ ଗୁରୁଦେବ ସାହୁଙ୍କୁ ଚାକିରିରୁ ଛଟେଇ କରିବା ନେଇ ସମସ୍ତ ବିଜିନେସ ଆସୋସିଏଟ୍ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଦାବିଗୁଡ଼ିକ ହେଲା ପ୍ରଥମେ ନିଯୁକ୍ତି ପତ୍ର ପ୍ରଦାନ କରାଯାଉ, ଇପିଏଫ୍ ସହିତ ଇଏସ୍‌ଆଇ ଠିକ୍ ସମୟରେ ନିର୍ଦ୍ଧାରଣ, ମାସିକ ମଜୁରି ଠିକ୍ ସମୟରେ ପ୍ରଦାନ କରିବା, କାର୍ଯ୍ୟର ସମୟ ନିର୍ଦ୍ଧାରଣ, ପିପିଇ କିଟ୍ ଏବଂ ଆବଶ୍ୟକ ଉପକରଣ ଠିକ୍ ସମୟରେ ଯୋଗାଇଦେବା, କାର୍ଯ୍ୟର ବିବରଣୀ ତାଲିକା, ପ୍ରତ୍ୟେକ ମାସର ଦରମା ରସିଦ ପ୍ରଦାନ କରିବା ପାଇଁ ପୋଲସରା ଓ ଚିରିକିପଡ଼ା କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିବା ସହ ହିନ୍ଦୁସ୍ତାନ ଇଞ୍ଜିନିୟରିଂ କପ୍ରେଶନ କାର୍ଯ୍ୟାଳୟ ହିଞ୍ଜିଳିକାଟୁ, ସହକାରୀ ଯନ୍ତ୍ରୀ ପୋଲସରା, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଏହି ଦାବିଗୁଡ଼ିକ ଯଦି ସାତ ଦିନ ମଧ୍ୟରେ କାର୍ଯ୍ୟକାରୀ ନ ହୁଏ, ତା’ହେଲେ ଅନିର୍ଦ୍ଧିଷ୍ଟ କାଳଯାଏ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି କର୍ମଚାରୀ। ଉକ୍ତ ସମୟରେ ସୁରଥ କୁମାର ନାଥ, ତୋଫାନ ଦଳେଇ, ଗୁରୁଦେବ ସାହୁ, ବିରାଜ କୁମାର ପାତ୍ର, ଦୀପକ କୁମାର ସାହୁ, ବାଦଲ ହୋତା, ଚିତ୍ରସେନ ଦାସ, ଶରତ ଖଟେଇ, କୈଳାସ ପ୍ରଧାନ, ଜଗନ ସେଠୀ, ପୂର୍ଣ୍ଣ ସେଠୀ, ଟୁକୁନା ନାୟକ, ଅଭିମନ୍ୟୁ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟରତ କର୍ମଚାରୀମାନେ ଉପସ୍ଥିତ ଥିଲେ।



ହେଲ୍‌ପରଙ୍କ ଧାରଣା ଚାଲିଛି।

### ମା’ ଓ ପୁଅକୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଆସିକା,୧୪।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଗୋଟିଏ ପରିବାରର ମା’ ଓ ପୁଅଙ୍କୁ ମରଣାତ୍ମକ ଆକ୍ରମଣ କରିଥିବା ଅଭିଯୋଗରେ ଶନିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ସନ୍ତୋଷ ବେହେରା (୩୭)। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ. ୬୧୪/୨୩ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଥିବା ଆସିକା ଥାନା ଅଧିକାରୀ ସ୍ୱରୂପ କିଶନ ସୂଚନା ଦେଇଛନ୍ତି । ଶନିବାର ରାତିରେ ଅଭିଯୁକ୍ତ ଜଣଙ୍କ ନିଶାସକ୍ତ ଅବସ୍ଥାରେ ସେହି ଗ୍ରାମର ଗଣେଶ ବେହେରା ଓ ତାଙ୍କ ମାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ମା’ ଓ ପୁଅ ଚିକିତ୍ସା ଲାଗି ଆସିକା ସରକାରୀ ଡାକ୍ତର ଖାନାରେ ଭର୍ତ୍ତି ହୋଇଥିଲେ।

# ଜେଲଗଲେ ସରପଞ୍ଚଙ୍କ ଭାଇ

## ଲାଉସେଣା ବିବାଦ

**ନୟାଗଡ଼,୧୧।୧୦(ଲୋକନାଥ ମିଶ୍ର):** ନୟାଗଡ଼ ସଦର ଥାନା ପୋଲିସ ଲାଉସେଣା ବିବାଦ ଘଟଣାରେ ରାଜପାଟଣା ସରପଞ୍ଚଙ୍କ ଭାଇ ବ୍ରହ୍ମାନନ୍ଦ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ବ୍ରହ୍ମାନନ୍ଦଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ବୁଧବାର ରାତି ୧୦ଟାରେ ପରେ ଦୋକାନ ବନ୍ଦ କରି ଲାଉସେଣାର ଦିବ୍ୟରଞ୍ଜନ ସାହୁ(୨୮) ଘରକୁ ଫେରୁଥିଲେ । ସେହି ସମୟରେ ରାଜପାଟଣା ଛକରେ କେତେଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣ ପରେ ଦିବ୍ୟ ରଞ୍ଜନ ଆହତ ହୋଇ ଚିକିତ୍ସାଧୀନ ଥିଲେ । ଅଭିଯୋଗ ପରେ ନୀର ପଲେଇଙ୍କୁ ଗିରଫ କରାଯାଇଥିଲା। ଶନିବାର ବ୍ରହ୍ମାନନ୍ଦ ଗିରଫ ହୋଇଥିଲେ ।

# ଡାକ୍ତରଙ୍କୁ ଘେରାଉକଲେ ଗ୍ରାମବାସୀ

କବିସୂର୍ଯ୍ୟନଗର, ୧୪।୧୦ (କୃପାସିନ୍ଧୁ ସ୍ୱାଇଁ):

ଏହି ବ୍ଲକ ଅନ୍ତର୍ଗତ ଓଡ଼ିଆ ପାଇକ ସାହିର ବସନ୍ତ ସାହୁଙ୍କ ବଡ଼ପୁଅ ଶିବରାମ ଶୁକ୍ରବାର ପାର୍କରେ ବୁଲିବାକୁ ଯାଇଥିବା ବେଳେ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଥିଲେ। ପ୍ରଥମେ କବିସୂର୍ଯ୍ୟନଗର ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କବିସୂର୍ଯ୍ୟନଗର ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତି ଯୋଗୁ ମୃତ୍ୟୁ ଘଟିଲା ଅଭିଯୋଗ କରି ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ରେ ଫାର୍ମାସିଷ୍ଟ ମୃତ୍ୟୁ ଘୋଷଣା ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର ନେଇ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ହାକୁ ନେଇ ଶନିବାର ପୂର୍ବାହ୍ନରେ ଗ୍ରାମବାସୀ ଡାକ୍ତରଙ୍କୁ ଘେରାଉ କରିବା ସହ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟାଧିକାରୀଙ୍କୁ ବଦଳି, ଡାକ୍ତର ନିଯୁକ୍ତି ସହ ସର୍ବଦା ଡାକ୍ତର ଦାୟିତ୍ୱରେ ରହିବା ପାଇଁ ଦାବି କରିଥିଲେ।

# ଘୁମୁସର ବନଖଣ୍ଡରେ ୧୫୫ ଟିମ୍ ସାମିଲ

## ଆଜିଠୁ ବାଘ ଗଣନା

ଭଞ୍ଜନଗର,୧୪।୧୦(ବାବୁଲା ପ୍ରଧାନ)

କେନ୍ଦ୍ର ସରକାରଙ୍କ ଘୋଷଣା ପ୍ରକାରେ ରାଜ୍ୟରେ ୨୦ ମହାବଳ ବାଘ ଥିବାବେଳେ ୭୬୦ କଲରାପତରିଆ ବାଘ ବିଭିନ୍ନ ଜଙ୍ଗଲରେ ଅଛନ୍ତି। ୨୦୦୬ରେ ୪୫ଟି ମହାବଳ ବାଘ ଥିବାବେଳେ ତାହା ୨୦କୁ ଖସି ଆସିଥିବା ନେଇ ପରିବେଶବିତ୍‌ମାନେ ଚିନ୍ତିତ ଅଛନ୍ତି। କିନ୍ତୁ ରାଜ୍ୟ ସରକାର ଉକ୍ତ ରିପୋର୍ଟକୁ ନେଇ ସନ୍ତୁଷ୍ଟ ନ ଥିବା ଜଣାପଡ଼ିଛି। ତେଣୁ ରାଜ୍ୟ ସରକାର ନିଜଆଡୁ ରବିବାରଠାରୁ ରାଜ୍ୟର ୪୨ ଡିଭିଜନରେ ବାଘ ଗଣନା ଆରମ୍ଭ କରୁଛନ୍ତି। ଆଉ କେତୋଟି ଡିଭିଜନରେ ବାଘ ନାହିଁ। ତେଣୁ ତାହାକୁ ଗଣତିରୁ ବାଦ୍ ଦିଆଯାଇଛି। ଏହିଭଳି ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ରବିବାରଠାରୁ ବାଘ ଗଣନା ହେବ। ଏଥିପାଇଁ ଶନିବାର ପ୍ରସ୍ତୁତି ସରିଛି। ଏହି ଦୁଇ ବନଖଣ୍ଡରେ ୧୫୫ଟି ଟିମ୍ ବାଘ ଗଣନାରେ ନିୟୋଜିତ ହେବେ। ପ୍ରତ୍ୟେକ ଟିମ୍‌ରେ ଦୁଇ କର୍ମଚାରୀ ଅଛନ୍ତି। ଅକ୍ଟୋବର ୧୫ରୁ ୩୧ ତାରିଖ ଯାଏ ବାଘ ଗଣନା ହେବ। ଏହି ସମୟରେ ବାଘର ପାଦଚିହ୍ନ, ମଳ, ନିଶ ଇତ୍ୟାଦି ପ୍ରତ୍ୟକ୍ଷ ଭାବେ କର୍ମଚାରୀମାନେ ଚିହ୍ନଟ କରିବେ। ଯେଉଁଠି ପାଦଚିହ୍ନ ମିଳିବ ସେଠି ପ୍ଲାଷ୍ଟର ପ୍ୟାରିସ୍ ମାଧ୍ୟମରେ ଚିହ୍ନକୁ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯିବ। ଯେଉଁ ଅଞ୍ଚଳରେ ବାଘ ଥିବାର ପ୍ରମାଣ ମିଳିବ ସେଠାରେ ନଭେମ୍ବର ୧ରୁ ଜାନୁୟାରୀ ୧୫ ତାରିଖ ଯାଏ ଟ୍ରାପ୍ କ୍ୟାମେରା ଲଗାଯିବ। କିନ୍ତୁ ଦୁଇ ବନଖଣ୍ଡର ଏକାଧିକ ଟ୍ରାପ୍ କ୍ୟାମେରା ଭଗ୍ନ ଅବସ୍ଥାରେ ଅଛି । ତାହାକୁ ନଭେମ୍ବର ୧ ପୂର୍ବରୁ ସଜଡ଼ା ଯିବ। ନଚେତ ନୂତନ କିଣିବା ପାଇଁ ପଦକ୍ଷେପ ନିଆଯିବ। ୧୬ରୁ ୩୧ ଜାନୁୟାରୀ ମଧ୍ୟରେ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ବିଭିନ୍ନ ବିଶେଷଜ୍ଞଙ୍କ ମାଧ୍ୟମରେ ଯାଞ୍ଚ କରାଯିବ। ଏହାପରେ ବାଘସଂଖ୍ୟା ଘୋଷଣା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କର୍ମଚାରୀମାନେ ଦୈନିକ ୬ରୁ ୧୦ କିମି ଜଙ୍ଗଲରେ ସକାଳ ୬ଟାରୁ ୧୦ଟା ଯାଏ ବୁଲି ବାଘର ଚଲାପଥକୁ ଚିହ୍ନଟ କରିବେ। ଚଲାପଥ ଅଞ୍ଚଳରେ ପଗ୍‌ମାର୍କ ଇମ୍ପ୍ରେଶନ ପ୍ୟାଡ୍ସ (ପିଆଇପି) କରାଯିବ। ଉକ୍ତ ପିଆଇପି ରାସ୍ତା ଦେଇ ବାଘ ଗଲେ ତାହାର ପାଦଚିହ୍ନ ରହିବ। ଏହି ସମୟରେ ସେମାନେ ଅନ୍ୟ ମାଂସାଶୀ ପ୍ରାଣୀ ଯଥା ହେଟାବାଘ, ବିଲୁଆ, ଭାଲୁ, ଗଧିଆଙ୍କ ସ୍ଥିତି ମଧ୍ୟ ଅନୁଧ୍ୟାନ କରିବେ। ଏନେଇ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କୁ ପଚାରିବାରୁ ବାଘ ଗଣନା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଡିଭିଜନରେ ୭୫ଟି ଟିମ୍ ଗଠନ କରାଯାଇଛି ବୋଲି ସେ କହିଛନ୍ତି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ କହିଛନ୍ତି, କର୍ମଚାରୀମାନେ ନିଜ ଦାୟିତ୍ୱ କିଭଳି ସୁଚାରୁରୂପେ ତୁଲାଇବେ ସେଥିପାଇଁ ସେମାନଙ୍କୁ ତାଲିମ ଦିଆଯାଇଛି।



କର୍ମଚାରୀମାନେ ପିଆଇପି ପ୍ରସ୍ତୁତ କରୁଛନ୍ତି ।

# ଲଙ୍ଗ୍‌ଜମ୍ପରେ ସୁବ୍ରତଙ୍କ ରୌପ୍ୟ ପଦକ ହାସଲ

ଗଞ୍ଜାମ,୧୪।୧୦(ବିଦ୍ୟାଧର ସାହୁ)

ରାଜସ୍ଥାନ ରାବତଭାଟାର କୋଟାଠାରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ କମାଲ ଦେଖାଇଛନ୍ତି ଆଇଆରଇ ଏଇସିଏସ୍ ସ୍କୁଲ ଓଡ଼ିଆ ପୁଅ ସୁବ୍ରତ ପାଢ଼ୀ। ସୁବ୍ରତ ଲଙ୍ଗ୍‌ଜମ୍ପରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରି ଜିଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସୁବ୍ରତ ହେଉଛନ୍ତି ଗଞ୍ଜାମ ଏନ୍‌ଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀଙ୍କ ପୁଅ। ଜେଜେବାପା କାଶୀନାଥ ପାଢ଼ୀ, ମା’ ସସ୍ମିତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରେରଣା, ଉତ୍ସାହ ଓ ଉପଦେଶ ପାଇଁ ଏହି ସଫଳତା ପାଇଥିବା କହିଛନ୍ତି ସୁବ୍ରତ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଏନ୍‌ଏସି ବିଜେଡି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଗଞ୍ଜାମ ପ୍ରେସକ୍ଲବ ସଭାପତି ଶବର କୁମାର ତରାଇ, ଉପଦେଷ୍ଟା ଉମାକାନ୍ତ ବେହେରା, ଏନ୍‌ଏସି ପୂର୍ବତନ ନଗରପାଳ ନୀଳାଚଳ ବାରିକି, ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରଡ଼ା, ଏନ୍‌ଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି ପ୍ରମୁଖ ସୁବ୍ରତଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ପଦକ ପାଇବା ପରେ ସୁବ୍ରତ ଓ ତାଙ୍କ ପିତା ସୁଧୀରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



ରୌପ୍ୟ ପଦକ ସହ ସୁବ୍ରତ ପାଢ଼ୀ।

### ଟ୍ରାକ୍ଟର ଚୋରି ଅଭିଯୋଗ

ପାତ୍ରପୁର,୧୪।୧୦(ଉମା ଚରଣ ନେପାକ)

ଜରଡ଼ା ଥାନା ବରଙ୍ଗ ଗ୍ରାମରୁ ଟ୍ରାକ୍ଟର ଚୋରି ହୋଇଥିବା ନେଇ ଶନିବାର ଅଭିଯୋଗ ହୋଇଛି । ବରଙ୍ଗ ଗ୍ରାମର ସାହିବାଣି ମହାପାତ୍ରଙ୍କ ଟ୍ରାକ୍ଟର ସବୁଦିନ ପରି କାମ ସାରି ସନ୍ଧ୍ୟାରେ ତାଙ୍କ ଦାଣ୍ଡରେ ଠିଆ କରିଥିଲେ। ମଧ୍ୟରାତି ଯାଏ ଟ୍ରାକ୍ଟରଟି ରଖାଯାଇଥିବା ସ୍ଥାନରେ ଥିବା ପରିବାର ଲୋକ ଦେଖିଥିବା ବେଳେ ଭୋର୍ ପ୍ରାୟ ୩ ଟାରେ ଉଠି ବାହାରକୁ ଆସିବା ସମୟରେ ଟ୍ରାକ୍ଟର ନଥିବା ଦେଖିଥିଲେ।

### ସାଇବର ସୁରକ୍ଷା ଅଭିଯାନ ସଚେତନତା

ଓଡ଼ଗାଁ,୧୪।୧୦(ଆଦର୍ଶ କୁମାର ପଟ୍ଟନାୟକ)

ଶୁକ୍ରବାର ଓଡ଼ଗାଁରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକରୋଡ଼ସ୍ଥିତ କଲ୍ୟାଣମଣ୍ଡପଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନନ୍ଦିଘୋର ଜବାହାରଲାଲ ଉଚ୍ଚ ବିଦ୍ୟାଳୟଠାରେ ସାଇବର ସଚେତନତା ରଥକୁ ପତାକା ଦେଖାଇ ଏସ୍‌ଡିପିଓ ସୁଧାକର ସାହୁ ସ୍ୱାଗତ କରିଥିଲେ। ଓଡ଼ଗାଁ ଆଦର୍ଶ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ସୁରକ୍ଷା ଦାୟିତ୍ୱରେ ସାଇବର ସଚେତନତା ରଥକୁ ଓଡ଼ଗାଁ ଅଭିମୁଖେ ଆସିବା ସମୟରେ ସରକାରୀ ବହୁବୃତ୍ତି ଶିକ୍ଷା ଅନୁଷ୍ଠାନ, ରଘୁନାଥ ସମବାୟ ମହାବିଦ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓଡ଼ଗାଁ ଡ୍ରାଇଭର ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସାଇବର ସଚେତନତା ରଥ ଓଡ଼ଗାଁ ସହର ପରିକ୍ରମା କରି ସରକାରୀ କଲ୍ୟାଣମଣ୍ଡପଠାରେ ପହଞ୍ଚିଥିଲା। ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ, ରଘୁନାଥ ବିଦ୍ୟାପୀଠ ଛାତ୍ର ଓ ଓଡ଼ଗାଁ କଲେଜ ଛାତ୍ରୀଙ୍କ ଦ୍ୱାରା ସାଇବର ସୁରକ୍ଷା ସମ୍ବନ୍ଧୀୟ ନାଟକ ପରିବେଷଣ କରାଯାଇଥିଲା। ଆଦର୍ଶ ଥାନା ଅଧିକାରୀ ଛାତ୍ରୀଛାତ୍ରଙ୍କୁ ୭ଟି ମାର୍ଗଦର୍ଶିକା ଅବଲମ୍ବନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ ।

# ସାଇବର ସୁରକ୍ଷା ରଥକୁ ସ୍ୱାଗତ





ସାଇବର ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରଛାତ୍ର।

ଶରଣକୁଳ,୧୪।୧୦(ଦୀପକ କର)

ବର୍ତ୍ତମାନ ଡିଜିଟାଲ ଯୁଗରେ ସାଇବର ଠକେଇ ସମାଜ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି। ଜନତାର କଷ୍ଟ ଉପାର୍ଜିତ ଧନ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି ସାଇବର ଠକ। ସାମାନ୍ୟ ଅସାବଧାନତା ହେଲେ ସବୁ କିଛି ଲୁଟ ହୋଇଯାଉଛି ଅନଲାଇନ ମାଧ୍ୟମରେ । ଆବଶ୍ୟକ ସଚେତନତା ଅଭାବରୁ ଅତ୍ୟଧିକ ଲୋଭ, ମାଗଣା ପାଇବା ଆଶା, ଭୟ ଯୋଗୁ ଆମେ ସାଇବର ଠକେଇର ଶିକାର ହେଉଛନ୍ତି ସାଧାରଣ ଜନତା। ତେଣୁ ଫୋନ କରି ଲୋଭ କିମ୍ବା ଭୟ ଦେଖାଇ ଆଧାର ନମ୍ବର, ବ୍ୟାଙ୍କ ପାସବୁକ ଖାତା ନମ୍ବର, ଏଟିଏମ ନମ୍ବର ମାଗିଲେ ଆମେ ଏଥିପ୍ରତି ସଚେତନ ହୋଇ ଅନ୍ୟ କାହାକୁ ସେସବୁ ଦେବା ନାହିଁ। ସାଇବର ଠକେଇକୁ ଲକ୍ଷ କରି ଅକ୍ଟୋବର ୨ରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ସାଇବର ସୁରକ୍ଷା ରଥ ରାଜ୍ୟ ସାରା ପରିକ୍ରମା କରି ଲୋକଙ୍କୁ ସଚେତନତା କରୁଛି। ଏହି ପରିପ୍ରେକ୍ଷୀରେ ଶନିବାର ଶରଣକୂଳ ଥାନା ପକ୍ଷରୁ ସାଇବର ସୁରକ୍ଷା ରଥକୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଠାରେ ସ୍ୱାଗତ କରିବା ସହ ଶ୍ରୀ ଶ୍ରୀ ଲଡୁକେଶ ବାବାଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଶରଣକୂଳ ସୁଧାକର ସାହୁ, ଶରଣକୂଳ ଥାନା ଅଧିକାରିଣୀ ପୁଷ୍ପାଲତା ବେହେରା, ଏସ୍‌ଆଇ ଗୌରହରି ଜେନା, ଏସ୍‌ଆଇ ନିରଞ୍ଜନ ବଡ଼ଜେନା, ଏସ୍‌ଆଇ ପ୍ରିୟଦର୍ଶିନୀ ବରାଡ଼, ଏଏସ୍‌ଆଇ ବଂଶୀଧର ସ୍ୱାଇଁ, ଏଏସ୍‌ଆଇ ହାଇଦର ଅଲ୍ଲୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ସ, ସଭାପତି ବିକ୍ରମ ଦାସ, ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁ, ସିଆରସିସି ଗୋଦାବରୀ ବସନ୍ତରା , ଶିକ୍ଷକ ଜନାର୍ଦ୍ଦନ ସାହୁ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍‌ଲାଇନ ଠକେଇ ଶିକାର ହେଲେ ୧୯୩୦ ନମ୍ବରକୁ ଡାଏଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଶରଣକୂଳ ପୋଲିସ ଏବଂ ବିଦ୍ୟାଳୟ କର୍ମଚାରୀଙ୍କ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଶେଷ ହେଇଥିଲା।

